ସକାଳ
THE SAKALA
ସିନ୍ଦୂରା
ରବିବାର
ମେ ୩୧-ଜୁନ୍ ୬, ୨୦୨୬
www.sakalaepaper.com

- ଜନ୍ମହାର ହ୍ରାସର କାରଣ ଓ ପ୍ରଭାବ
- ବିଳମ୍ବିତ ବିବାହ ଓ ବନ୍ଧ୍ୟାଦୋଷ
- ଜନ୍ମହାର ହ୍ରାସ ଉଦ୍‌ବେଗଜନକ
- ଓଡ଼ିଶାରେ କମୁଛି ଜନ୍ମହାର
- ସ୍ମାର୍ଟଫୋନ୍ ପାଇଁ ଜନ୍ମହାର ହ୍ରାସ



# ଦେଶରେ କମୁଛି ପ୍ରଜନନ ହାର

ବିଶ୍ୱର ଜନସଂଖ୍ୟା ବହୁଳ ରାଷ୍ଟ୍ର ମଧ୍ୟରେ ଭାରତ ଅନ୍ୟତମ । ତେବେ ଦେଶର କେତେକ ରାଜ୍ୟରେ ସଂପୂର୍ଣ୍ଣ ପ୍ରଜନନ ହାର ବା ଟିଏଫ୍‌ଆର୍ ହ୍ରାସ ପାଇବାରେ ଲାଗିଛି । ବିଶେଷ କରି ତାମିଲନାଡୁ, ପଶ୍ଚିମ ବଙ୍ଗ, ଦିଲ୍ଲୀରେ ପ୍ରଜନନ ହାର ଅଧିକ କମିଛି । ଜନସାଂଖ୍ୟିକ ପରିବର୍ତ୍ତନର ଅଗ୍ରଭାଗରେ ଓଡ଼ିଶା ମଧ୍ୟ ରହିଛି । ଏହି ଜନସାଂଖ୍ୟିକ ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଛି । କାରଣ ଜନସଂଖ୍ୟା ସହିତ ଦେଶର ଆର୍ଥିକ ଓ ସାମାଜିକ ପ୍ରଭାବ ଜଡ଼ିତ । ଦେଶର କେତେକ ରାଜ୍ୟରେ ପ୍ରଜନନ ହାର ହ୍ରାସର କାରଣ, ପ୍ରଭାବ ଓ ଆହ୍ୱାନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## ଶିଶୁ ସଂଖ୍ୟା ହ୍ରାସ

ଭାରତରେ ଶିଶୁ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୨୦୧୧ ମସିହାରେ ଦେଶର ମୋଟ ଜନସଂଖ୍ୟାରେ ଶିଶୁ/କିଶୋରଙ୍କ (୦-୧୯ ବର୍ଷ) ସଂଖ୍ୟା ପ୍ରାୟ ୪୦.୯ % ରହିଥିଲା । ୨୦୨୬ ମସିହାରେ ଏହା ହ୍ରାସ ପାଇଁ ୩୨%ରେ ପହଞ୍ଚିଥିବା ଅନୁମାନ କରାଯାଉଛି । ଭାରତରେ ପରିବାର ନିୟୋଜନର ସୁବିଧା ଓ ପ୍ରଜନନ ହ୍ରାସ ଯୋଗୁଁ ଶିଶୁଙ୍କ ସଂଖ୍ୟା ହ୍ରାସ ହେଉଥିବାର ଅନୁମାନ କରାଯାଉଛି । 'ଚିଲ୍‌ଡ୍ରେନ୍ ଇନ୍ ଇଣ୍ଡିଆ ୨୦୨୫' ନାମକ ରିପୋର୍ଟରେ କୁହାଯାଇଛି ଯେ, ୦-୪,୫-୯,୧୦-୧୪, ୧୫-୧୯ ବୟସର ଶିଶୁମାନଙ୍କ ସଂଖ୍ୟା ହ୍ରାସ ପାଇଛି । ସେହିପରି ୨୦୨୨ ମସିହାରେ କ୍ରୁଡ୍ ବର୍ଥ ରେଟ୍ ବା ସିବିଆର୍ ୧୯.୧ ପ୍ରତିଶତ ଥିଲା । ୨୦୨୩ ମସିହାରେ ଏହା ହ୍ରାସ ପାଇ ୧୮.୪ ପ୍ରତି ୧,୦୦୦ ଜନସଂଖ୍ୟାରେ ରହି ଯାଇ ୦.୭କୁ ହ୍ରାସ ପାଇଥିଲା । ଏହି ରିପୋର୍ଟ ପ୍ରକାଶନ ଦେଶର ଶିଶୁମାନଙ୍କ ସୁବିଧା ପାଇଁ ଏକ ବ୍ୟାପକ ଏବଂ ବିସ୍ତୃତ ବିଶ୍ଳେଷଣ ପ୍ରଦାନ କରିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ,ପୋଷଣ, ଶିଶୁ ସଂରକ୍ଷଣ ଆଦି ବିଭିନ୍ନ କ୍ଷେତ୍ରକୁ ଯାଞ୍ଚ କରି ଏହି ତଥ୍ୟ ପ୍ରକାଶ କରାଯାଇଥାଏ । ଯାହା ଶିଶୁମାନଙ୍କ ଜୀବନକୁ ଉତ୍ତମ ରୂପେ ଗଢ଼ିବା ସହିତ ସେମାନଙ୍କ ବିକାଶକୁ ସୂଚିତ କରିଥାଏ ।



**ଭାରତର ଜନସଂଖ୍ୟାରେ ପରିବର୍ତ୍ତନ ଚିତ୍ର । ବଢୁଛି ଭାରତର ଜନସଂଖ୍ୟା । ତେବେ ଅନେକ ରାଜ୍ୟରେ ଜନ୍ମହାର ହ୍ରାସ ପାଇବାରେ ଲାଗିଛି । ଗତ କିଛି ଦଶନ୍ଧି ଧରି ଭାରତର ଟୋଟାଲ୍ ଫର୍ଟିଲିଟି ରେଟ୍ ବା ଟିଏଫ୍‌ଆର୍ ହ୍ରାସ ପାଇବାରେ ଲାଗିଛି । ତେବେ ଆମ ଦେଶରେ ପ୍ରଜନନ ହାର କମିବାର ଅନେକ କାରଣ ରହିଛି । ଭାରତରେ ଜନ୍ମହାର ହ୍ରାସ ପାଇବାର କାରଣ, ପ୍ରଭାବ ଓ ଆହ୍ୱାନକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

## ମହିଳାଙ୍କ ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା

ଭାରତରେ ପ୍ରଜନନ ହାର ହ୍ରାସ ପାଇବାର ଅନେକ କାରଣ ରହିଛି । ମହିଳାଙ୍କ ଉଚ୍ଚ ଶିକ୍ଷା ଲାଭ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ହେଉଛି ସେଥିମଧ୍ୟରୁ ଅନ୍ୟତମ କାରଣ । ମହିଳାମାନେ ଉଚ୍ଚ ଶିକ୍ଷା ଲାଭ କରିବା ପରେ ସ୍ୱାସ୍ଥ୍ୟ ଓ ସମାଜ ପ୍ରତି ଅଧିକ ସଚେତନ ହୋଇଛନ୍ତି । ମହିଳାମାନେ ବିଭିନ୍ନ ଗର୍ଭନିରୋଧକ ଉପାୟ ଅବଲମ୍ବନ, ସରକାରୀ ସ୍ୱାସ୍ଥ୍ୟ ଯୋଜନା ଓ ପରିବାର କଲ୍ୟାଣ ଯୋଜନାରେ ସାମିଲ କରିବା, ପରିବାର ନିୟୋଜନ ବାଳିକା ଶିକ୍ଷା ଓ ମହିଳା ଜନସଂଖ୍ୟା ସ୍ୱାସ୍ଥ୍ୟ ଏବଂ ପୋଷଣରେ ସୁଧାର ଆଣିବା, ମହିଳାଙ୍କ ଆର୍ଥିକ ସ୍ୱତନ୍ତ୍ରତା, ବିଳମ୍ବରେ ବିବାହ, କାର୍ଯ୍ୟ କ୍ଷେତ୍ରରେ ଅଧିକ ଚାପ, କାର୍ଯ୍ୟ ବ୍ୟସ୍ତତା, ପରିବାରକୁ କମ୍ ସମୟ ଦେବା ଆଦି ଭାରତର ପ୍ରଜନନ ହାର ହ୍ରାସର କିଛି ପ୍ରମୁଖ କାରଣ । ସେହିପରି କେତେକ ଉଚ୍ଚ ଶିକ୍ଷିତା, ଅତ୍ୟାଧୁନିକ ମହିଳା ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବା ଆଶଙ୍କାରେ ସନ୍ତାନ ଜନ୍ମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ।



କଥାରେ ଅଛି 'ଛୋଟ ପରିବାର, ସୁଖୀ ପରିବାର' । ବର୍ତ୍ତମାନ ଏହି କଥାକୁ ଅନୁସରଣ କରିବାରେ ଲାଗିଛନ୍ତି ଭାରତୀୟ ଯୁବ ଦମ୍ପତିମାନେ । ଫଳରେ ଧୀରେ ଧୀରେ ଦେଶର ପ୍ରଜନନ ହାର ହ୍ରାସ ପାଇବାରେ ଲାଗିଛି । ୨୦୨୪ ସାମ୍ପଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମ୍ ବା ଏସ୍‌ଆର୍‌ଏସ୍ ତଥ୍ୟ ଅନୁଯାୟୀ ଭାରତର ମୋଟ ପ୍ରଜନନ ହାର ୨.୧ରୁ ହ୍ରାସ ପାଇଁ ୧.୯ ରେ ପହଞ୍ଚିଛି । ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି କେତୋଟି ରାଜ୍ୟ ବ୍ୟତୀତ ଅନ୍ୟ ସବୁ ରାଜ୍ୟରେ ମୋଟ ପ୍ରଜନନ ହାର ବା ଟିଏଫ୍‌ଆର୍ ହ୍ରାସ ପାଇଛି । ଦିଲ୍ଲୀରେ ୧.୨ ସବୁଠାରୁ କମ୍ ପ୍ରଜନନ ହାର ରହିଛି । ଦିଲ୍ଲୀ ତଳକୁ ରହିଛି କେରଳ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗ । ଏଠାରେ ଟିଏଫ୍‌ଆର୍ ୧.୩ ରହିଛି । ପଶ୍ଚିମ ବଙ୍ଗରେ ପ୍ରଜନନ ହାର ତୀବ୍ର ଭାବରେ ହ୍ରାସ ପାଇବାରେ ଲାଗିଛି । ୨୦୦୦ ମସିହାରେ ଆମ ଦେଶର ମୋଟ ପ୍ରଜନନ ହାର ୩.୫ ପ୍ରତିଶତ ରହିଥିଲା । ଏହି ହାର ବର୍ତ୍ତମାନ ୧.୯କୁ ହ୍ରାସ ହୋଇଛି ।







## ପଶ୍ଚିମ ବଙ୍ଗରେ ସବୁଠୁ କମ୍

ବିକାଶ ଏବଂ ଜନ୍ମହାର ବିପରୀତ ସମାନୁପାତିକ ସମ୍ବନ୍ଧ ରହିଛି । ଅଶିକ୍ଷିତ ବର୍ଗରେ ପ୍ରଜନନ ହାର ଏବେ ବି ୩ ପ୍ରତିଶତ ଉପରେ ରହିଛି । ତେବେ ଶିକ୍ଷିତ ବର୍ଗରେ ୧.୫ ରୁ ୧.୮ ପ୍ରତିଶତ ରହିଛି । ପଶ୍ଚିମ ବଙ୍ଗରେ ପ୍ରଜନନ ହାର ତୀବ୍ର ହ୍ରାସ ପାଇଥିବା ଦେଖିବାକୁ ମିଳିଛି । ସାମ୍ପଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମ ବା ଏସ୍‌ଆର୍‌ଏସ୍ ୨୦୨୩ ମସିହାର ରିପୋର୍ଟ ଅନୁସାରେ ରାଜ୍ୟର ମୋଟ ପ୍ରଜନନ ହାର ୧.୩ ପ୍ରତିଶତ ରହିଥିଲା । ୨୦୧୩ ମସିହାରେ ଏହି ହାର ୧.୭ ପ୍ରତିଶତ ଥିଲା । ବର୍ତ୍ତମାନ ପଶ୍ଚିମ ବଙ୍ଗ ଦେଶର ସବୁଠାରୁ କମ୍ ପ୍ରଜନନ ହାର ଥିବା ରାଜ୍ୟରେ ସାମିଲ ହୋଇଛି ।

## ପ୍ରଜନନ ହ୍ରାସର କାରଣ

ଶିକ୍ଷା ଖର୍ଚ୍ଚ ବୃଦ୍ଧି, ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ବୃଦ୍ଧି, ଅସନ୍ତୁଳିତ ଅର୍ଥ ବ୍ୟବସ୍ଥା, ସହରୀ ଜୀବନଶୈଳୀ, ଗର୍ଭନିରୋଧକ ବ୍ୟବହାର, ବିଳମ୍ବିତ ବିବାହ, ମାନସିକ ଚାପ, କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତତା, ବାସଗୃହ ଅଭାବ, ପରିବାର ନିୟୋଜନ ଅସ୍ତ୍ରୋପଚାର ଆଦି ବିଭିନ୍ନ କାରଣରୁ ବର୍ତ୍ତମାନ ପ୍ରଜନନ ହାର ହ୍ରାସ ପାଇବାର ଲାଗିଛି । ଏହା ବ୍ୟତୀତ ଆହୁରି ଅନେକ ପ୍ରମୁଖ କାରଣ ରହିଛି ।

## କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ବୃଦ୍ଧି

ଭାରତରେ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପ୍ରଜନନ ହାର ବହୁତ କମ୍ ଥିବା ରାଜ୍ୟରେ ମଧ୍ୟ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୧୫ରୁ ୫୯ ବର୍ଷ ହୋଇଛି । ୧୫-୬୦ ବର୍ଷର କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ଭାରତରେ ମୋଟ ଜନସଂଖ୍ୟାର ୬୬.୪% ରହିଛନ୍ତି । ଏହା ୨୦୧୪ ମସିହାରେ ୬୪% ପ୍ରତିଶତ ବୃଦ୍ଧି ପାଇଥିଲା । ତାମିଲନାଡୁ ଭଳି ରାଜ୍ୟରେ ଗତ ଦଶକରେ କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟାର ଅନୁପାତ ୦.୬ ପ୍ରତିଶତ ବଢ଼ିଛି । ଅର୍ଥାତ୍ ୬୭.୨%ରୁ ବୃଦ୍ଧି ପାଇଁ ୬୭.୮% ହୋଇଛି । ସେହିପରି ଭାରତରେ ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ଅନୁପାତ ୮.୬%ରୁ ବୃଦ୍ଧି ପାଇ ୯.୭% ହୋଇଛି । ଏହା ସବୁ ରାଜ୍ୟରେ ବଢ଼ିଛି । କେରଳରେ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ସବୁଠାରୁ ଅଧିକ । ଏଠାରେ ବୟସ୍କ ଜନସଂଖ୍ୟା ୧୫% ରହିଛି । ସେପଟେ ତାମିଲନାଡୁରେ ୧୦.୬%ରୁ ୧୪ .୨% ପ୍ରତିଶତ ଅନୁପାତ ରହିଛି । ଆସାମରେ ଏହି ଅନୁପାତ ସବୁଠାରୁ କମ୍ ଅର୍ଥାତ୍ ୭.୬% ରହିଛି ।




## ସହରୀ ଜୀବନଶୈଳୀ

ଭାରତରେ ଜନ୍ମହାର କମିବାର ଏକ ପ୍ରମୁଖ କାରଣ ହେଉଛି ପରିବର୍ତ୍ତିତ ସହରୀ ଜୀବନଶୈଳୀ । ନବ ବିବାହିତ ଦମ୍ପତି କାର୍ଯ୍ୟକ୍ଷେତ୍ରରେ ଅଧିକ ମାନସିକ ଚାପ, କାର୍ଯ୍ୟ ବ୍ୟସ୍ତତା, ପରିବାରକୁ ଅଳ୍ପ ସମୟ ଦେବା, ପରିବାର ଅପେକ୍ଷା କ୍ୟାରିଅର ଉପରେ ଅଧିକ ଗୁରୁତ୍ୱ ଦେବା, ଆର୍ଥିକ ସ୍ଥିରତାକୁ ପ୍ରାଥମିକତା ଦେବା, ବିଳମ୍ବରେ ସନ୍ତାନ ଜନ୍ମ କରିବା ଆଦି ଅନେକ କାରଣ ଯୋଗୁଁ ପ୍ରଜନନ ହାର ହ୍ରାସ ପାଉଛି । ଏପରିକି କେତେକ ଦମ୍ପତି ଆଦୌ ସନ୍ତାନ ଜନ୍ମ ନକରିବା ସପକ୍ଷରେ ରହିଥାନ୍ତି । ସେହିପରି ଆଧୁନିକ ଜୀବନଶୈଳୀ ସହିତ ପ୍ରଦୂଷଣ, ଗତିହୀନ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆଦି କାରଣରୁ ଏହା ପ୍ରଜନନ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ସହରାଞ୍ଚଳରେ ଦରବୃଦ୍ଧି କାରଣର ପ୍ରଭାବ ଯୋଗୁଁ ଦମ୍ପତିଙ୍କୁ ବଡ଼ ପରିବାର କରିବାକୁ ହତୋତ୍ସାହିତ କରିଥାଏ । ସହରରେ ଦରଦାମ ବୃଦ୍ଧି, ଘରଭଡ଼ା ବୃଦ୍ଧି, ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ଅଧିକ । ତେଣୁ ଏହାର ପରୋକ୍ଷ ପ୍ରଭାବ ମଧ୍ୟ ପ୍ରଜନନ ହାର ହ୍ରାସ ଉପରେ ପଡ଼ିଥାଏ ।

## ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକ

ବର୍ତ୍ତମାନ ଭାରତରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଛି । ବେସରକାରୀ ସ୍କୁଲ, କଲେଜରେ ପାଠପଢ଼ା ଖର୍ଚ୍ଚ ବହୁ ଗୁଣରେ ବୃଦ୍ଧି ପାଇଛି । ଫଳରେ ମଧ୍ୟବିତ୍ତ ପରିବାର ସନ୍ତାନସନ୍ତତିମାନଙ୍କୁ ବେସରକାରୀ ସ୍କୁଲ, କଲେଜରେ ପଢ଼ା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇପଡୁଛି । ସେଥିପାଇଁ ଗୋଟିଏରୁ ଅଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତି ଚାହୁଁ ନାହାନ୍ତି । ସେହିପରି ପିଲାମାନଙ୍କ ଲାଳନ ପାଳନ, ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ଧୀରେ ଧୀରେ ବଢ଼ି ବଢ଼ି ଚାଲିଛି । ସହରାଞ୍ଚଳରେ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି । ସେଥିପାଇଁ ମଧ୍ୟ ଅନେକ ଦମ୍ପତି ବଡ଼ ପରିବାର କରିବାକୁ ଚାହୁଁନାହାନ୍ତି ।



## ଜନସଂଖ୍ୟା ହ୍ରାସକୁ ନେଇ ବିପଦ

**ଯେତେବେଳେ ଟିଏଫ୍‌ଆର୍ ହାର ୨.୧ ପ୍ରତିଶତ ହୋଇଥାଏ, ତାହାକୁ 'ରିପ୍ଲେସମେଣ୍ଟ ଲେଭଲ୍' କୁହାଯାଏ । କାରଣ ନିଜ ଜୀବନ କାଳ ମଧ୍ୟରେ ଜଣେ ମହିଳା ପ୍ରାୟ ୨.୧ ପ୍ରତିଶତ ଶିଶୁ ଜନ୍ମ ଦେଇଥାନ୍ତି । ଯେତେବେଳେ ପ୍ରଜନନ ହାର ଦୀର୍ଘ ସମୟ ଧରି ହ୍ରାସ ପାଇଚାଲିଥାଏ, ସେତେବେଳେ ଜନସଂଖ୍ୟା ବୃଦ୍ଧି ଧିମେଇ ଯାଇଥାଏ । ସାଧାରଣତଃ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ ।**

## ପ୍ରଜନନ ହ୍ରାସର ସକାରାତ୍ମକ ବିକାଶ

ପ୍ରଜନନ ହାର ହ୍ରାସ ଭାରତ ପାଇଁ ଲାଭଜନକ ହୋଇଛି । ତେବେ ଭାରତରେ ପ୍ରଜନନ ହାର କମିବା ସତ୍ତ୍ୱେ ସାମଗ୍ରିକ ଜନସଂଖ୍ୟା ତୁରନ୍ତ ହ୍ରାସ ପାଇବ ନାହିଁ । ୨୦୮୦ ମସିହାରେ ଦେଶର ଜନସଂଖ୍ୟାରେ ସ୍ଥିରତା ଆସିବ ବୋଲି ଜନସଂଖ୍ୟା ବିଶେଷଜ୍ଞମାନେ ଆକଳନ କରିଛନ୍ତି । ସରକାର ଦେଶରେ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବିଭିନ୍ନ ମୌଳିକ ସୁବିଧାସୁଯୋଗ ଶୀଘ୍ର ଯୋଗାଇବା ପ୍ରଶାସନ ପକ୍ଷରେ ସମ୍ଭବପର ନୁହେଁ । ସରକାରଙ୍କୁ ଜନସଂଖ୍ୟା ବୃଦ୍ଧି ହାରକୁ ସ୍ଥିର କରିବାର ଆବଶ୍ୟକତା ରହିଛି । ତେଣୁ ଭାରତରେ ପ୍ରଜନନ ହାର ହ୍ରାସ ପାଇଲେ, ସରକାର ନିଜ ଲକ୍ଷ୍ୟରେ ସଫଳ ହେବେ । ଯଦି ଭାରତରେ ପ୍ରଜନନ ହାର ଏଭଳି ଭାବେ ହ୍ରାସ ପାଇବାରେ ଲାଗିବ, ତେବେ ଭାରତର ଜନସଂଖ୍ୟାରେ ଆପେ ଆପେ ସ୍ଥିରତା ଆସିବ । ■



## ଦିଲ୍ଲୀ ଓ ତାମିଲନାଡୁରେ କମ୍ ଓ ଛତିଶଗଡ଼ ଓ ଆସାମରେ ଅଧିକ

ଛତିଶଗଡ଼ ଏବଂ ଆସାମରେ ଟିଏଫ୍‌ଆର୍ ଅଧିକ ରହିଛି । ଛତିଶଗଡ଼ରେ ୧୧.୫% ଏବଂ ଆସାମରେ ୧୩ % ଜନ୍ମହାର ଅଧିକ ହୋଇଥିବା ଦେଖିବାକୁ ମିଳିଛି । ସେପଟେ ଦିଲ୍ଲୀରେ ଓ ତାମିଲନାଡୁରେ ଟିଏଫ୍‌ଆର ପୂର୍ବ ଅପେକ୍ଷା ବହୁତ କମ୍ ହୋଇଛି । ଦିଲ୍ଲୀରେ ୨୯.୪% ଓ ତାମିଲନାଡୁରେ ୨୩.୫% ଜନ୍ମହାର ହ୍ରାସ ପାଇଛି ।

# ଓଡ଼ିଶାରେ ଜନ୍ମହାର ହ୍ରାସ

# କାରଣ ଓ ପ୍ରଭାବ



ସମୀର କୁମାର ଜେନା ଓ ଡ. ଗ୍ରେସ ବାହାଲେନ ମୁଣ୍ଡୁ



ଦଶକ ଧରି ଭାରତରେ ଜନସଂଖ୍ୟା ବିସ୍ଫୋରଣକୁ ନେଇ ଚିନ୍ତା ରହିଥିଲା । କିନ୍ତୁ ବର୍ତ୍ତମାନ ସେହି ଚିନ୍ତା ଧୀରେ ଧୀରେ ବିପରୀତ ଦିଗକୁ ଯାଉଛି । ଓଡ଼ିଶା ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଜନସାଂଖ୍ୟିକ ପରିବର୍ତ୍ତନର ଅଗ୍ରଭାଗରେ ରହିଛି । ରାଜ୍ୟର ଜନ୍ମହାର ଲଗାତାର ହ୍ରାସ ପାଉଥିବାରୁ ଭବିଷ୍ୟତର କାର୍ଯ୍ୟଶକ୍ତି, ସାମାଜିକ ଢାଞ୍ଚା ଏବଂ ଅର୍ଥନୈତିକ ଉନ୍ନତିକୁ ନେଇ ଗୁରୁତର ପ୍ରଶ୍ନ ଉଠୁଛି । ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (NFHS-5, 2019–21) ଅନୁସାରେ, ଓଡ଼ିଶାର ମୋଟ ପ୍ରଜନନ ହାର (TFR) ୨.୦୫ ରୁ କମି ୧.୮ କୁ ପହଞ୍ଚିଛି । ଏହା ପ୍ରତିସ୍ଥାପନ ସ୍ତର (Replacement Level) ୨.୧ ଠାରୁ ମଧ୍ୟ କମ୍, ଯାହା ଦ୍ୱାରା ଏକ ଜନସଂଖ୍ୟା ପିଢ଼ି ପରେ ପିଢ଼ି ନିଜ ସଂଖ୍ୟାକୁ ସ୍ଥିର ରଖିପାରେ ।

Sample Registration System (SRS) ତଥ୍ୟ ଅନୁସାରେ, ୨୦୦୧ ମସିହାରେ ଓଡ଼ିଶାର TFR ୨.୬ ଥିବାବେଳେ ୨୦୧୨ରେ ଏହା ୨.୧କୁ କମିଥିଲା ଏବଂ ବର୍ତ୍ତମାନ ଏହା ପ୍ରତିସ୍ଥାପନ ସ୍ତରଠାରୁ ମଧ୍ୟ ତଳକୁ ଯାଇଛି । ନୂତନ SRS ବୁଲେଟିନ୍ ଅନୁଯାୟୀ, ରାଜ୍ୟର କ୍ରୁଡ୍ ବର୍ଥ ରେଟ୍ (CBR) ପ୍ରତି ୧୦୦୦ ଜନସଂଖ୍ୟାରେ ୧୫.୮ ରହିଛି, ଯାହା ଦେଶର ଅନ୍ୟାନ୍ୟ ବଡ଼ ରାଜ୍ୟମାନଙ୍କ ତୁଳନାରେ କମ୍ ।

## ଜନ୍ମହାର ହ୍ରାସର ପ୍ରମୁଖ କାରଣ

### ମହିଳା ଶିକ୍ଷାର ବୃଦ୍ଧି ଓ ବିଳମ୍ବିତ ବିବାହ



ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପ୍ରଜନନ ହାରକୁ ସିଧାସଳଖ ପ୍ରଭାବିତ କରିଛି । ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ -୫ ତଥ୍ୟ ଅନୁଯାୟୀ, ୧୨ ବର୍ଷ କିମ୍ବା ତାଠାରୁ ଅଧିକ ପଢ଼ିଥିବା ମହିଳାମାନେ ଅଶିକ୍ଷିତ ମହିଳାଙ୍କ ତୁଳନାରେ କମ୍ ସନ୍ତାନ ଜନ୍ମ ଦେଉଛନ୍ତି । ସେଥିସହ ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ଅଧିକ ସହଭାଗିତା ଓ ବିବାହ ବୟସ ବୃଦ୍ଧି ଜନ୍ମ ବ୍ୟବଧାନକୁ କମାଇଛି ।

### ଗର୍ଭନିରୋଧକ ବ୍ୟବହାରର ବୃଦ୍ଧି



ଓଡ଼ିଶାରେ ବିବାହିତ ମହିଳାଙ୍କ ମଧ୍ୟରେ ଗର୍ଭନିରୋଧକ ବ୍ୟବହାର ହାର (CPR) NFHS-4ର ୫୭% ରୁ NFHS-5ରେ ୭୪%କୁ ବୃଦ୍ଧି ପାଇଛି । ଏହା ପରିବାର ନିୟୋଜନ ପ୍ରତି ସ୍ୱୀକୃତି ବଢୁଥିବାକୁ ସୂଚାଏ । ତଥାପି କେବଳ ୪୯% ମହିଳା ଆଧୁନିକ ଗର୍ଭନିରୋଧକ ପ୍ରଣାଳୀ ବ୍ୟବହାର କରୁଥିବାରୁ ଅପୂରଣୀୟ ଆବଶ୍ୟକତା ଏଯାବତ୍ ଚ୍ୟାଲେଞ୍ଜ ହିସାବରେ ରହିଛି ।

### ସହରୀକରଣ ଓ ଅର୍ଥନୈତିକ ଆକାଂକ୍ଷା



ଭୁବନେଶ୍ୱର, କଟକ ଓ ରାଉରକେଲା ପରି ସହରକୁ ଲୋକମାନଙ୍କ ଅଧିକ ସ୍ଥାନାନ୍ତରଣ ଏବଂ ବଢୁଥିବା ଅର୍ଥନୈତିକ ଆକାଂକ୍ଷା ପରିବାର ପ୍ରତିପାଳନର ଖର୍ଚ୍ଚକୁ ବଢ଼ାଇଛି । ଏହା ଫଳରେ ଛୋଟ ପରିବାର ଧାରଣା ଆହୁରି ଶକ୍ତିଶାଳୀ ହେଉଛି ।

### ଶିଶୁ ଜନ୍ମ ଓ ପାଳନପୋଷଣର ଖର୍ଚ୍ଚ ବୃଦ୍ଧି



ଶିଶୁ ଜନ୍ମ ଓ ପାଳନପୋଷଣର ଖର୍ଚ୍ଚ ମଧ୍ୟ ଦିନକୁ ଦିନ ବଢୁଛି, ବିଶେଷକରି ସ୍ୱାସ୍ଥ୍ୟ ଓ ଶିକ୍ଷା ଖର୍ଚ୍ଚ । ଏହା ଲୋକମାନଙ୍କୁ ଅଧିକ ସନ୍ତାନ ଜନ୍ମ ପ୍ରତି ବିମୁଖ କରୁଛି ।

### ଶିଶୁ ମୃତ୍ୟୁହାରର ହ୍ରାସ

ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଓ କାର୍ଯ୍ୟକାରୀ ନୀତିମାନଙ୍କ କାରଣରୁ, ଶିଶୁ ମୃତ୍ୟୁହାର କମିଛି, ଅଧିକ ସନ୍ତାନ ଜନ୍ମଦାନର ପ୍ରବୃତ୍ତି ମଧ୍ୟ ହ୍ରାସ ପାଇଛି । NFHS-5 ଅନୁଯାୟୀ, ଓଡ଼ିଶାରେ ପୂର୍ଣ୍ଣ ଟିକାକରଣ ହାର ୯୦%କୁ ପହଞ୍ଚିଛି, ଯାହା ଦେଶର ଅନ୍ୟାନ୍ୟ ରାଜ୍ୟଠାରୁ ଅଧିକ ।

## ହ୍ରାସ ପାଉଥିବା ଜନ୍ମହାରର ପ୍ରଭାବ

ଜନ୍ମହାର ହ୍ରାସକୁ ସାଧାରଣତଃ ଉନ୍ନତିର ଚିହ୍ନ ବୋଲି ଧରାଯାଏ, କିନ୍ତୁ ଏହାର ପ୍ରଭାବ ଜଟିଳ ହୋଇପାରେ ।

### ବୃଦ୍ଧ ଜନସଂଖ୍ୟା ଓ କମୁଥିବା କାର୍ଯ୍ୟଶକ୍ତି

SRS 2024 ରିପୋର୍ଟ ଅନୁଯାୟୀ ଓଡ଼ିଶାର କ୍ରୁଡ ଡେଥ୍ ରେଟ୍ ୭.୯ ରହିଛି, ଯାହା ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ । ଜନ୍ମହାର ହ୍ରାସ ଓ ମୃତ୍ୟୁହାର ବୃଦ୍ଧି ମିଶି ଜନସଂଖ୍ୟାକୁ ଦ୍ରୁତ ଭାବରେ ବୃଦ୍ଧମୁଖୀ କରୁଛି । ଏହା ଭବିଷ୍ୟତରେ ପେନ୍‌ସନ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ଅର୍ଥନୈତିକ ଉତ୍ପାଦକତା ଉପରେ ଚାପ ସୃଷ୍ଟି କରିବ ।

### ଶ୍ରମିକ ପ୍ରବାସ ଓ ଜନସାଂଖ୍ୟିକ ଅସମତୁଳନ

ଓଡ଼ିଶାର ଅନେକ ଯୁବକ ଦକ୍ଷିଣ ଓ ପଶ୍ଚିମ ଭାରତର ଶିଳ୍ପ ରାଜ୍ୟଗୁଡ଼ିକୁ କାମ ପାଇଁ ପ୍ରବାସ କରୁଛନ୍ତି । ଜନ୍ମହାର ଆହୁରି କମିଲେ ଗ୍ରାମାଞ୍ଚଳ ଜନଶୂନ୍ୟ ହେବା ସହ ସ୍ଥାନୀୟ ଅର୍ଥନୀତି ଦୁର୍ବଳ ହେବାର ଆଶଙ୍କା ରହିଛି ।

### ଆର୍ଥିକ ଓ ସାମାଜିକ ଚାପ

କମ୍ ଜନ୍ମହାର ଥିବା ଜିଲ୍ଲାମାନେ ସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ଓ ଅବ୍ୟବହୃତ ପ୍ରାଥମିକ ସଂରଚନାର ସମସ୍ୟା ଦେଖିପାରନ୍ତି । ଅନ୍ୟପଟେ ବୃଦ୍ଧ ସେବା ଓ ସାମାଜିକ ସୁରକ୍ଷାର ଚାହିଦା ବଢ଼ିବ ।

ଓଡ଼ିଶାର ଏହି ପରିସ୍ଥିତି ଅନନ୍ୟ ନୁହେଁ । କେରଳ, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ଏହି ପରି ଜନସାଂଖ୍ୟିକ ପରିବର୍ତ୍ତନ ପୂର୍ବରୁ ଅନୁଭବ କରିଛନ୍ତି । କିନ୍ତୁ ପରିବର୍ତ୍ତନର ଗତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୀତି ନିର୍ଦ୍ଧାରକମାନେ ବର୍ତ୍ତମାନର କାର୍ଯ୍ୟଶକ୍ତିକୁ ଦକ୍ଷ କରିବା, ବୃଦ୍ଧଙ୍କ ପାଇଁ ସାମାଜିକ ସୁରକ୍ଷାକୁ ମଜବୁତ କରିବା ଏବଂ ଏପର୍ଯ୍ୟନ୍ତ ଉପଲବ୍ଧ ଜନସାଂଖ୍ୟିକ ଲାଭକୁ ସଠିକ୍ ଭାବେ ବ୍ୟବହାର କରିବା ଉପରେ ଜୋର ଦେବା ଆବଶ୍ୟକ । ବିଶେଷକରି ଯୁବ ବର୍ଗକୁ ସୁଦୃଢ଼ କରିବାର ସମୟ ଆସିଛି ନୂତନ କୌଶଳ ଦକ୍ଷତା ମାଧ୍ୟମରେ, ଯାହା ତାଙ୍କୁ ରୋଜଗାର କରିବାରେ ସାହାଯ୍ୟ କରିବ। କମ୍ ଜନ୍ମହାର ଅର୍ଥ ସବୁବେଳେ ସଙ୍କଟ ନୁହେଁ । କିନ୍ତୁ ସଠିକ୍ ଯୋଜନା ନଥିଲେ ଓଡ଼ିଶା ଗୋଟିଏ ଜନସାଂଖ୍ୟିକ ସମସ୍ୟାକୁ ଛାଡ଼ି ଅନ୍ୟ ଏକ ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ । ■

ସହକାରୀ ପ୍ରାଧ୍ୟାପକ
ସ୍ନାତକୋତ୍ତର ଜନସଂଖ୍ୟା ଅଧ୍ୟୟନ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ସ୍ମାର୍ଟଫୋନ୍ ପାଇଁ ହ୍ରାସ ପାଉଛି ଜନ୍ମହାର



ଭାରତ ସମେତ ସାରା ବିଶ୍ୱରେ ଜନ୍ମହାର ଦ୍ରୁତ ଗତିରେ ହ୍ରାସ ପାଉଛି । ସବୁବେଳେ ଦର ବୃଦ୍ଧି ଏବଂ କ୍ୟାରିୟର ଚିନ୍ତା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଥିଲା । ହେଲେ ଏବେ ଏକ ଗବେଷଣାନୁସାରେ, ସ୍ମାର୍ଟଫୋନ୍ ଏବଂ ସୋସିଆଲ୍ ମିଡିଆ ଆସକ୍ତି ହିଁ ଲୋକଙ୍କୁ ପରିବାର ବଢ଼ାଇବା ନିଷ୍ପତ୍ତି ଉପରେ ପ୍ରଭାବ ପକାଉଛି । ଫଳରେ ଜନ୍ମହାର ହ୍ରାସ ପାଉଛି । ପ୍ରାୟ ତିନି ଦଶନ୍ଧି ପୂର୍ବେ ଭାରତୀୟ ମହିଳାମାନେ ପ୍ରାୟ ୩.୪ ସନ୍ତାନ ଜନ୍ମ କରୁଥିଲେ । ହେଲେ ଏବେ ଏହି ସଂଖ୍ୟା କମି ୨.୦ ରେ ପହଞ୍ଚିଛି । ସରକାରୀ ସର୍ଭେ ଅନୁସାରେ ପରିବର୍ତ୍ତନର ଏହି ସ୍ତର ୨.୧ରୁ ତଳେ ଅଛି । ତେବେ ଏ ପରିବର୍ତ୍ତନ କେବଳ ଭାରତରେ ନୁହେଁ । ବିଶ୍ୱର ଅନେକ ଦେଶରେ ଜନ୍ମହାର ଦ୍ରୁତ ଗତିରେ କମିବାରେ ଲାଗିଛି । ଅନେକ ସ୍ଥାନରେ ମହିଳା ଦୁଇଟି ପିଲା ଜନ୍ମ କରୁଥିବା ବେଳେ ଏବେ ଏହା ଏକରେ ପହଞ୍ଚିଛି । ତେବେ ଜନ୍ମହାର କାହିଁକି କମୁଛି, ତାହାକୁ ନେଇ ଏହି ଉପସ୍ଥାପନା ।



‘ଆମେ ଦୁଇ, ଆମର ଦୁଇ’ ଏବଂ ‘ଛୋଟ ପରିବାର ସୁଖୀ ପରିବାର’ ଏଇ ଉକ୍ତିକୁ ପାଥେୟ କରି ଅନେକ ଦମ୍ପତି ଗୋଟିଏ ବା ଦୁଇଟି ସନ୍ତାନକୁ ଆପଣେଇ ନେବାକୁ ଇଚ୍ଛା କରିଥାନ୍ତି । କିନ୍ତୁ ଆଜିକାଲି ଦୁଇଟି ସନ୍ତାନ ବା’ ଗୋଟିଏ ମାତ୍ର ସନ୍ତାନ ଧାରଣ ପାଇଁ ଅନେକେ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ଧୀରେ ଧୀରେ ଭାରତ ଏବଂ ଅନେକ ବିକଶିତ ଦେଶରେ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ସେହିପରି ପରିବର୍ତ୍ତିତ ଜୀବନ ଶୈଳୀ , ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ତଥା ସ୍ୱାସ୍ଥ୍ୟ ସଚେତନତା ଯୋଗୁଁ ଭାରତରେ ମୃତ୍ୟୁହାର ମଧ୍ୟ କମିବାରେ ଲାଗିଛି ।



ପ୍ରଫେସର ଡଃ ସରୋଜିନୀ ଷଡ଼ଙ୍ଗୀ

# ବିଳମ୍ବିତ ବିବାହ ଓ ବନ୍ଧ୍ୟାଦୋଷ



### ଜନସଂଖ୍ୟା କମିବାର କାରଣ

ଭାରତରେ ସନ୍ତାନଧାରଣ କରିବାର (ଫର୍ଟିଲିଟି) ହାର କମିଯାଉଛି । ଅନେକ ଝିଅ ବିବାହକୁ ଗୁରୁତ୍ୱ ନଦେଇ ପାଠ ପଢ଼ାକୁ ବେଶି ଗୁରୁତ୍ୱ ଦେଉଛନ୍ତି । ପାଠ ପଢ଼ା ସରିବା ପରେ ସେମାନେ ନିଜ କ୍ୟାରିୟରକୁ ଆହୁରି ଅଧିକ ଗୁରୁତ୍ୱ ଦେଉଛନ୍ତି । ବିବାହ କରିବା ପରେ ମଧ୍ୟ ସ୍ୱାମୀସ୍ତ୍ରୀ ଉଭୟ ସଙ୍ଗେ ସଙ୍ଗେ ଗର୍ଭଧାରଣ କରିବାକୁ ଅଗ୍ରାଧିକାର ଦେଉ ନାହାନ୍ତି । ଯେତେବେଳେ ଝିଅମାନଙ୍କର ବୟସ ପ୍ରାୟ ୩୦-୩୫ ବର୍ଷରୁ ବେଶି ହୋଇଯାଉଛି ଡିମ୍ବାଣୁର ମଧ୍ୟ ଏଜିଂ ପ୍ରସେସ୍ ଆରମ୍ଭ ହୋଇଯାଉଛି । ଫଳରେ ଶୀଘ୍ର ଗର୍ଭଧାରଣ ସମ୍ଭବପର ହେଉନାହିଁ । ଗର୍ଭଧାରଣ କରିବାର ଉପଯୁକ୍ତ ବୟସ ହେଉଛି ୨୨-୨୫ ବା’ ୨୮ ବର୍ଷ । ଏହାଛଡ଼ା ଝିଅମାନଙ୍କର ପଲିସିଷ୍ଟିକ୍ ଓଭାରିଆନ୍ ଡିଜିଜ୍, ଏଣ୍ଡୋମେଟ୍ରିଓସିସ୍, ଚକୋଲେଟ୍ ସିଷ୍ଟ, ହରମୋନ୍ ଅସନ୍ତୁଳନ, ମଧୁମେହ ରୋଗ, ଜରାୟୁର ଫାଇବ୍ରଏଡ୍ ଉଚ୍ଚ ରକ୍ତଚାପ ରୋଗ ଇତ୍ୟାଦିର ହାର ବଢ଼ିଯିବା ଯୋଗୁଁ ଓଭ୍ୟୁଲେସନ ଠିକ୍ ଭାବରେ ହେଉ ନାହିଁ । ତେଣୁ ବନ୍ଧ୍ୟା ଦୋଷ ହୋଇ ଗର୍ଭଧାରଣ ହେବାରେ ବିଳମ୍ବ ହେଉଛି ।





ଆଜିକାଲି କମ୍ପ୍ୟୁଟର୍ ବା ଡିଜିଟାଲ୍ କ୍ୟାରିୟର ପାଇଁ ଅଧିକାଂଶ ଝିଅ ଫାଷ୍ଟଫୁଡ୍ ଏବଂ ଜଙ୍କ୍ ଫୁଡ୍ ଖାଇଥାନ୍ତି । ଫଳରେ ମୋଟାପଣିଆ ବା’ ଓବେସିଟି ବଢ଼ି ଯାଏ । ସେହିପରି ଆଜିକାଲି ଦମ୍ପତିମାନେ ପରସ୍ପରକୁ ସମୟ ଦେଉ ନାହାନ୍ତି । ଉପଯୁକ୍ତ ସମୟରେ ସ୍ୱାମୀ, ସ୍ତ୍ରୀ ସମ୍ପର୍କ ରଖି ପାରୁନାହାନ୍ତି । ଫଳରେ ଗର୍ଭଧାରଣ ହୋଇପାରୁନାହିଁ ।

### ଉଚ୍ଚ ଶିକ୍ଷିତା ଓ କ୍ୟାରିଅର୍ ସଚେତନତା

ମୋଟାପଣିଆ ଯୋଗୁଁ ଓଭ୍ୟୁଲେସନ୍ ନିୟମିତ ଭାବରେ ହୁଏ ନାହିଁ । ଫଳରେ ଗର୍ଭଧାରଣ ହେବା ଅସମ୍ଭବ ହୋଇପଡ଼େ । ସେହିପରି ପୁରୁଷମାନଙ୍କର ମଧ୍ୟ ନିଶାଦ୍ରବ୍ୟ ସେବନ, ଅତ୍ୟଧିକ ପରିଶ୍ରମ, ଖଣି ଖାଦାନରେ କାମ ଓ ଖାଦ୍ୟରେ ପ୍ରଦୂଷଣ ହୋଇ ଗର୍ଭଧାରଣ କରିବାରେ ଅସୁବିଧା ହୋଇଥାଏ । କେତେକ ସାମାଜିକ କାରଣ ମଧ୍ୟ ଅଛି, ଯେଉଁଥିପାଇଁ ମହିଳାମାନେ ଗର୍ଭଧାରଣ କରିବାକୁ ଇଚ୍ଛା ପ୍ରକାଶ କରିନଥାନ୍ତି । ଅଧିକାଂଶ ମହିଳାମାନେ ଆଜିକାଲି ଉଚ୍ଚଶିକ୍ଷିତା ହୋଇଥିବାରୁ ନିଜ କ୍ୟାରିୟର ତଥା ଚାକିରିକୁ ଅଗ୍ରାଧିକାର ଦେଇଥାନ୍ତି, ତେଣୁ ଗୋଟିଏ ସନ୍ତାନ ହେବାପରେ ଦ୍ୱିତୀୟ ସନ୍ତାନ ପାଇଁ ବା’ ପୁଣିଥରେ ଗର୍ଭଧାରଣ କରିବା ପାଇଁ ଇଚ୍ଛାପ୍ରକାଶ କରିନଥାନ୍ତି । କେତେଜଣ ମଧ୍ୟ ପୁଣିଥରେ ଗର୍ଭଧାରଣ ତଥା ୯ ମାସର କଷ୍ଟ ଏବଂ ପ୍ରସବ ସମୟର ଯନ୍ତ୍ରଣାକୁ ଭାବି ଆଉ ଥରେ ସନ୍ତାନ ଧାରଣ ପାଇଁ ମନ ବଳାଇନଥାନ୍ତି । ଆଉ କେତେକ କର୍ମଜୀବୀ ମହିଳା ପ୍ରସବର ୬ ମାସ ପରେ କର୍ମସ୍ଥଳକୁ ଗଲେ ଘରେ ସନ୍ତାନର ଲାଳନ ପାଳନ ପାଇଁ ପରିବାରର ସହଯୋଗ ପାଇ ନଥାନ୍ତି । ଦ୍ୱିତୀୟ ଶିଶୁଟି ଅବହେଳାର ଶିକାର ହେବ ସେଥିପାଇଁ ସେମାନେ ଦ୍ୱିତୀୟ ସନ୍ତାନ ଜନ୍ମ କରିବା ପାଇଁ ମନ ବଳାଇନଥାନ୍ତି । ସେହିପରି ମଧ୍ୟବିତ୍ତ ପରିବାରର ମହିଳାମାନେ ଆର୍ଥିକ ଦୃଷ୍ଟିରୁ ଦ୍ୱିତୀୟ ସନ୍ତାନ ପାଇଁ ଇଚ୍ଛା ପ୍ରକାଶ କରୁ ନାହାନ୍ତି । କାରଣ ପିଲାମାନଙ୍କର ଭବିଷ୍ୟତ ତଥା ଶିକ୍ଷା ପାଇଁ ସେମାନେ ଖୁବ୍ ବେଶି ବ୍ୟସ୍ତ ହୋଇପଡ଼ନ୍ତି । ସେଥିପାଇଁ ଗୋଟିଏ ସନ୍ତାନ ହିଁ ତାଙ୍କ ପାଇଁ ଯଥେଷ୍ଟ ବୋଲି ଭାବି ନିଅନ୍ତି ।



ଆଜିକାଲି ଦମ୍ପତିମାନେ ପ୍ରଥମ ଗର୍ଭଧାରଣ କରିବାରେ ବିଳମ୍ବ ତଥା ଦ୍ୱିତୀୟ ଗର୍ଭଧାରଣ କରିବାରେ ଅନିଚ୍ଛା ପ୍ରକାଶ କରିଥାନ୍ତି । ଏସବୁ ସମସ୍ୟାର ଚିକିତ୍ସା ଏବଂ ସମାଧାନ ତଥା ଉପଯୁକ୍ତ ସମୟରେ ଗର୍ଭଧାରଣ କଲେ ହିଁ ଉତ୍ତମ ସନ୍ତାନ ଧାରଣ ହୋଇପାରିବ । ଜନସଂଖ୍ୟା କମିବାର ଆଶଙ୍କା କମିଯିବ । ■

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ , ଲିଙ୍କ୍ ରୋଡ୍, କଟକ-୧୨

### ଡିଜିଟିଲା ଦୁନିଆର ପ୍ରଭାବ

ବର୍ଷ ବର୍ଷ ଧରି ବିଶେଷଜ୍ଞମାନେ ଏହାପଛରେ କିଛି ଜଣାଶୁଣା କାରଣ ଦାୟୀ ଥିବା ଭାବି ଆସୁଥିଲେ । ଏଥିରେ ମୁଖ୍ୟତଃ ଦର ବୃଦ୍ଧି, ମହଙ୍ଗା ଘର, ବିଳମ୍ବିତ ବିବାହ, କ୍ୟାରିୟର ଚାପ ଓ ବଦଳୁଥିବା ସାମାଜିକ ଚିନ୍ତାଧାରା ଏହାର ବଡ଼ କାରଣ ବୋଲି କୁହାଯାଉଥିଲା । ଅବଶ୍ୟ ଏହି କାରଣ ଏବେ ବି ଅଛି । ହେଲେ ଏବେ ଗବେଷକ ଏକ ନୂତନ ଦୃଷ୍ଟିକୋଣରୁ ପରୀକ୍ଷା କରିବା ଆରମ୍ଭ କରିଛନ୍ତି । ତାହା ହେଉଛି ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମର ପ୍ରଭାବ । ଅନେକ ନୂଆ ଗବେଷଣା ଏକଥାକୁ ଇଙ୍ଗିତ କରୁଛି ଯେ, ଟେକ୍ନୋଲୋଜି କେବଳ ଲୋକଙ୍କ କଥାବାର୍ତ୍ତା କରିବାର ଶୈଳୀରେ ପରିବର୍ତ୍ତନ ଆଣି ନାହିଁ, ବରଂ ପରିବାର ବଢ଼ାଇବା ନିଷ୍ପତ୍ତି ଉପରେ ବି ପ୍ରଭାବ ପକାଇବା ଆରମ୍ଭ କରିଛି ।

### ୪ଜି ଇଣ୍ଟରନେଟ୍ ଆସିବା ପରେ କମୁଛି ଜନ୍ମହାର

ଆମେରିକା ଏବଂ ବ୍ରିଟେନରେ ୪ଜି ମୋବାଇଲ୍ ଇଣ୍ଟରନେଟ୍ ଆରମ୍ଭ ହେବା ପରେ ଜନ୍ମହାର ତଥ୍ୟକୁ ନେଇ ଅଧ୍ୟୟନ କରାଯାଇଥିଲା । ଅଧ୍ୟୟନରୁ ଜଣାପଡ଼ିଲା ଯେଉଁ ଅଞ୍ଚଳରେ ହାଇ ସ୍ପିଡ୍ ମୋବାଇଲ ଇଣ୍ଟରନେଟ୍ ପୂର୍ବରୁ ପହଞ୍ଚିଥିଲା, ସେଠାରେ ଜନ୍ମହାର ଅଧିକ ବେଗରେ କମିବାକୁ ଲାଗିଲା । ଗବେଷକଙ୍କ କହିବା କଥା ସ୍ମାର୍ଟଫୋନ୍ ଯୁବପିଢ଼ିଙ୍କ ମଧ୍ୟରେ ଥିବା ସମ୍ପର୍କର ଶୈଳୀକୁ ବଦଳାଇ ଦେଲା । ଲୋକେ ସାମ୍ନାସାମ୍ନି ଦେଖା-ସାକ୍ଷାତ କରିବା ପରିବର୍ତ୍ତେ ଅଧିକ ସମୟ ଅନଲାଇନ୍‌ରେ ସମୟ ଅତିବାହିତ କଲେ । ଏହା ଦ୍ୱାରା ସାମାଜିକ ମିଳାମିଶା କମ୍ ହେଲା । ଗବେଷଣା ଅନୁସାରେ, ଏହି ପରିବର୍ତ୍ତନ ହିଁ ଜନ୍ମହାର କମ୍ କରିବା ଦିଗରେ ବଡ଼ ଭୂମିକା ଗ୍ରହଣ କରିଥାଇପାରେ ।

### ଅନେକ ଦେଶରେ ସମାନ ପ୍ୟାଟର୍ଣ୍ଣ

ଅନ୍ୟପଟେ ଏହି ପ୍ୟାଟର୍ଣ୍ଣ କେବଳ ଆମେରିକା ଏବଂ ବ୍ରିଟେନ ପର୍ଯ୍ୟନ୍ତ ସୀମିତ ନାହିଁ । ଯେବେଠୁ ସାଧାରଣ ଲୋକଙ୍କ ଜୀବନରେ ସ୍ମାର୍ଟଫୋନ୍ ଏକ ଅଂଶ ପାଲଟିଲା, ସେବେଠୁ ଅନେକ ଦେଶରେ ଜନ୍ମହାର ହ୍ରାସ ପାଇଛି । ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଭଳି ଦେଶରେ ୨୦୦୭ ମସିହା ପରେ ଜନ୍ମହାର ଦ୍ରୁତ ଗତିରେ ହ୍ରାସ ପାଇଲା । ଏହା ଥିଲା ସେହି ସମୟ, ଯେତବେଳେ ସ୍ମାର୍ଟଫୋନ୍ ଏବଂ ଆପ୍ ଗୁଡ଼ିକ ଲୋକପ୍ରିୟ ହେଲା ।

### ସାମାଜିକ ଗଣମାଧ୍ୟମ ଯୋଗୁଁ ବଢୁଛି ଦୂରତା

ଫିନଲ୍ୟାଣ୍ଡ ଜନସଂଖ୍ୟା ବିଶେଷଜ୍ଞଙ୍କ ମତରେ ଆବଶ୍ୟକତାଠୁ ଅଧିକ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଥିବା ଯୁବପିଢ଼ିଙ୍କଠାରେ ସମ୍ପର୍କ ଓ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ ସମସ୍ୟା ବଢୁଛି । ସାମାଜିକ ଗଣମାଧ୍ୟମ ଲଗାତାର ଅନ୍ୟର ରଙ୍ଗିନ ଜୀବନ, ଆର୍ଥିକ ଚାପ ଏବଂ ତୁଳନାର ଦୁନିଆକୁ ପ୍ରତିଫଳିତ କରିଥାଏ । ଯାହା ଦ୍ୱାରା ମନରେ ଅସ୍ଥିର ଓ ଅସୁରକ୍ଷିତ ଭାବନା ସୃଷ୍ଟି ହୋଇପାରେ । ଏହିପରି ଭାବେ ବାପାମାଆ ହେବାକୁ ପ୍ରସ୍ତୁତ ନ ଥିବା ଯୁବପିଢ଼ି ଭାବନ୍ତି । ସେହିପରି ଅନେକ ଦମ୍ପତିଙ୍କ ମଧ୍ୟରେ ଅତ୍ୟଧିକ ସୋସିଆଲ୍ ମିଡିଆର ବ୍ୟବହାର ଯୌନ ସମସ୍ୟା ସହ ଜଡ଼ିତ ବୋଲି କୁହାଯାଇଛି । ତେବେ ପ୍ରଥମ ଥର ପାଇଁ ଯେ, ମିଡିଆ ଓ ଟେକ୍ନିକ୍‌କୁ ପରିବାର ନିୟୋଜନ ସହ ଯୋଡ଼ା ଯାଇଛି, ତାହା ନୁହେଁ, ଛୋଟ ପରିବାରକୁ ଚିତ୍ରଣ କରୁଥିବା ଟିଭି ଧାରାବାହିକର ପ୍ରଭାବ ମହିଳାଙ୍କ ନିଷ୍ପତ୍ତି ଉପରେ ପଡ଼ିଥାଏ ବୋଲି ପୂର୍ବରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି । ■





# ଜନସଂଖ୍ୟା ହ୍ରାସର କାରଣ





ଡ. ପ୍ରଦୀପ କୁମାର ନାୟକ

ଭାରତ ବର୍ତ୍ତମାନ ପୃଥିବୀର ସବୁଠାରୁ ଜନବହୁଳ ରାଷ୍ଟ୍ର ଅଟେ। ୨୦୨୩ ମସିହା ଏପ୍ରିଲ ୧୯ ତାରିଖରେ ଚୀନର ଜନସଂଖ୍ୟାଠାରୁ ଟପି ଅଧିକ ହୋଇଯିବାର ତଥ୍ୟ ଜାତିସଂଘର ଜନସଂଖ୍ୟା ପାଣ୍ଠିର ରିପୋର୍ଟରୁ ଜଣାପଡ଼େ। ଏହି ଦିନ ଭାରତର ଜନ ସଂଖ୍ୟା ୧୪୨ କୋଟି ୮୬ ଲକ୍ଷରେ ପହଞ୍ଚିଲା। କିନ୍ତୁ ଭାରି ଉଦ୍‌ବେଗର ବିଷୟ ଜନସଂଖ୍ୟା ବିଶେଷଜ୍ଞ ଓ ଗବେଷକ (Demographers) ମାନଙ୍କ ଅନୁଧ୍ୟାନ ଅନୁଯାୟୀ ଭାରତର କିଛି ରାଜ୍ୟର ଜନସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ନାହିଁ ବରଂ ହ୍ରାସ ପାଇଛି। ଯଦିଓ ସାମୂହିକ ଭାବେ ଦେଶର ଜନସଂଖ୍ୟା ପୃଥିବୀର ସବୁଠାରୁ ଅଧିକ ହୋଇଛି, ରାଜ୍ୟ ଓ ଆଞ୍ଚଳିକ ସର୍ବେକ୍ଷଣ ଅନୁଯାୟୀ ତୁଳନାତ୍ମକ ଭାବେ କିଛି ରାଜ୍ୟର ଜନସଂଖ୍ୟା ହ୍ରାସ ପାଇଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଜନସଂଖ୍ୟା ଗବେଷକ ଓ ସମାଜବିଜ୍ଞାନୀ ଡକ୍ଟର କେ.ସି.ଜ଼ାକାରିଆ, ଡକ୍ଟର ଏସ୍. ଇରୁଦାୟା ରାଜନ ରାଜ୍ୟଗୁଡ଼ିକର ଜନସଂଖ୍ୟା ସମ୍ବନ୍ଧରେ କୌତୂହଳପୂର୍ଣ୍ଣ ଅନୁଧ୍ୟାନ କରିଛନ୍ତି। ବିଶେଷତଃ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଯଥା - କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତେଲଙ୍ଗାନାରେ ଜନସଂଖ୍ୟା ହ୍ରାସ ହେବାର ପରିଲକ୍ଷିତ ହେଉଛି। ଏହାଛଡ଼ା ସିକିମ ଓ ଗୋଆରେ ମଧ୍ୟ ଜନସଂଖ୍ୟା ହ୍ରାସ ହେବାର ଦେଖାଯାଉଛି। ଅନ୍ୟ ପକ୍ଷରେ ଉତ୍ତର ପ୍ରଦେଶ ଓ ବିହାରରେ ଜନସଂଖ୍ୟା ବୃଦ୍ଧି ଘଟୁଛି। ଏହା ସାରା ଦେଶ ପାଇଁ ବିଶେଷତଃ ସମ୍ପୃକ୍ତ ରାଜ୍ୟଗୁଡ଼ିକ ପାଇଁ ଉଦ୍‌ବେଗର କାରଣ ପାଲଟିଛି।

## ପ୍ରଭାବିତ ସମାଜ

ଭାରତର ରାଜ୍ୟଗୁଡ଼ିକରେ ଜନସଂଖ୍ୟା ହ୍ରାସ ଓ ବୃଦ୍ଧିର କାରଣ ମହିଳାମାନଙ୍କର ସମୁଦାୟ ପ୍ରଜନନ ହାର ( Total Fertility Rate ) ଉପରେ ନିର୍ଭର କରିଥାଏ। ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିରାପଦ ମାତୃତ୍ୱ ୨୧ବର୍ଷରୁ ୩୦ ବର୍ଷ ହୋଇଥାଏ। ଏହାଠାରୁ ଅଧିକ ବୟସ ଅର୍ଥାତ୍ ୩୫ ରୁ ୪୫ ବର୍ଷ ମଧ୍ୟ ବିପଜ୍ଜନକ ଭାବେ ମହିଳା ଗର୍ଭଧାରଣ କରୁଥିବା ଦେଖାଯାଉଛି। ଭାରତରେ ବିବାହଯୋଗ୍ୟ ବୟସ ଝିଅ ପାଇଁ ନ୍ୟୂନତମ ବୟସ ୧୮ ଓ ପୁଅ ପାଇଁ ୨୧ ବର୍ଷ ଆଇନତଃ ରହିଛି। ନିର୍ଦ୍ଧାରିତ ବୟସ ମଧ୍ୟରେ ବିବାହ ନ କଲେ ମହିଳାମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଇଥାଏ। ୧୯୬୦ ମସିହା ଓ ତା'ପର ସମୟରେ ଭାରତୀୟ ମହିଳାମାନେ ହାରାହାରି ଜଣକ ୬ ଟି ସନ୍ତାନ ଜନ୍ମ କରି ଆସୁଥିଲେ। ବର୍ତ୍ତମାନ ଭାରତୀୟ ମହିଳାମାନଙ୍କର ପ୍ରଜନନ ହାର ମାତ୍ର ୨ ରେ ପହଞ୍ଚିଛି। 'ସାମ୍ପଲ୍ ରେଜିଷ୍ଟ୍ରେସନ ସିଷ୍ଟମ୍' ଅନୁସାରେ କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଆଦି ରାଜ୍ୟରେ ବର୍ତ୍ତମାନ ପ୍ରଜନନ ହାର ୧. ୫ ରୁ ୧.୬ ଅଟେ, ଯାହାକି ବର୍ତ୍ତମାନର ଜାତୀୟ ପ୍ରଜନନ ହାରଠାରୁ କମ୍ ଅଛି। ଆହୁରି ଚିନ୍ତାର ବିଷୟ ବର୍ତ୍ତମାନ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ସିକିମ ଓ ଗୋଆରେ ମହିଳାମାନଙ୍କ ସମୁଦାୟ ପ୍ରଜନନ ହାର ଯଥାକ୍ରମେ ଗ୍ରାମାଞ୍ଚଳରେ ୧.୧ ଓ ୧.୩ ଏବଂ ସହରାଞ୍ଚଳରେ ଯଥାକ୍ରମେ ୦.୯୮ ଓ ୧.୨୮ ରହିଛି। ତେଣୁ ଏହି ଅଞ୍ଚଳର ଜନ୍ମ ଗତିଶୀଳତା (Birth Dynamics) ଜାପାନ, କୋରିଆ ଓ ପଶ୍ଚିମ ୟୁରୋପର ଦେଶଗୁଡ଼ିକ ସହ ତୁଳନୀୟ ହୋଇଛି।

ସେହିପରି ମହିଳାମାନଙ୍କ ଶିକ୍ଷାହାରର କ୍ରମଶଃ ଅଭିବୃଦ୍ଧି ଘଟିଲେ, ସେମାନେ ଅନେକ ବିଳମ୍ବରେ ବିବାହ କରନ୍ତି ଓ ଗୋଟିଏ ସନ୍ତାନରେ ସୀମିତ ରହିବାକୁ ପସନ୍ଦ କରିଥାନ୍ତି। ଚାକିରି କରୁଥିବା ମହିଳାମାନେ ବିବାହକୁ ବିଳମ୍ବ କରନ୍ତି ଓ ପ୍ରଜନନ କ୍ଷମତା ମଧ୍ୟ ବିଳମ୍ବିତ ବିବାହ ବେଳେ ହ୍ରାସ ପାଇ ଥାଏ। ଦକ୍ଷିଣ ରାଜ୍ୟଗୁଡ଼ିକରେ ଓ ସିକିମ ତଥା ଗୋଆରେ ଶିଶୁମୃତ୍ୟୁ ହାର ଓ ମାତୃମୃତ୍ୟୁ ହାର କମ୍ ରହୁଥିବାରୁ ସେମାନେ କେବଳ ଗୋଟିଏ ବା ଦୁଇଟି ସନ୍ତାନରେ ପରିବାରକୁ ସୀମିତ ରଖନ୍ତି। କାରଣ ସେମାନେ ଜାଣନ୍ତି ପିଲାମାନେ ଦୀର୍ଘାୟୁ ହେବେ। ଷାଠିଏ ଦଶକରେ ଜଣେ ମହିଳା ଅନ୍ୟୂନ ଛଅଟି ସନ୍ତାନ ଜନ୍ମ କରୁଥିଲେ। କାରଣ ସବୁ ପିଲାଙ୍କ ବଞ୍ଚିବାର ନିଶ୍ଚିତତା ନଥିଲା। ଏବେ ଯେହେତୁ ସ୍ୱାସ୍ଥ୍ୟ ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଘଟିଛି କମ୍ ସନ୍ତାନ ହିଁ କାମ୍ୟ ବୋଲି ବିଶ୍ୱାସ କରାଯାଏ।

## ଜନସଂଖ୍ୟା ହ୍ରାସର ପ୍ରଭାବ

ଜନସଂଖ୍ୟା ହାର ହ୍ରାସ ପାଇଲେ ଏହାର କୁପ୍ରଭାବ ସମ୍ପୃକ୍ତ ରାଜ୍ୟ ପାଇଁ ସାମ୍ବିଧାନିକ ନିୟମ ଅନୁଯାୟୀ ନିର୍ଦ୍ଧାରିତ ହୋଇଥିବା ବିଧାନ ସଭା ସିଟ୍ ଓ ସଂସଦ ସିଟ୍ ସଂଖ୍ୟା ଉପରେ ପଡ଼ିବାର ସମ୍ଭାବନା ରହିଛି, ଯାହାକି ୧୯୭୧ ଜନ ଗଣନା ସମୟରେ ଜନସଂଖ୍ୟା ଆଧାରରେ ସ୍ଥିର କରାଯାଇଥିଲା। ଭାରତ ସମ୍ବିଧାନର ଧାରା ୮୧ ଓ ଧାରା ୮୨ ଅନୁଯାୟୀ ଲୋକସଭାରେ ଜନସଂଖ୍ୟା ଆଧାରରେ ବିଭିନ୍ନ ରାଜ୍ୟକୁ ଲୋକସଭାରେ ସଂସଦୀୟ ସିଟ ଧାର୍ଯ୍ୟ କରା ଯାଇଥାଏ। ବର୍ତ୍ତମାନ ଭାରତୀୟ ସଂସଦରେ ନିର୍ବାଚନ ସୀମା ପୁନଃନିର୍ଦ୍ଧାରଣ ବିଲ ( Delimitation Bill ,2026) ଆଗତ ହୋଇଥିଲା ( କିନ୍ତୁ ପାରିତ ହୋଇ ପାରିଲାନି) ଓ ଯଦି ଏହା କେବେ ଜନସଂଖ୍ୟା ଆଧାରରେ କାର୍ଯ୍ୟକାରୀ ହୁଏ ତାହେଲେ ଜନ୍ମ ହାର ହ୍ରାସ ପାଇଥିବା ରାଜ୍ୟଗୁଡ଼ିକ ଯଥା - କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ସେମାନଙ୍କର ନିର୍ଦ୍ଧାରିତ ଲୋକସଭା ଆସନ ୨୦, ୩୯, ୪୨,୨୮ ରୁ ଯଥାକ୍ରମେ ୫,୭,୭ ଓ ୨ ହରେଇବେ। ଏହି ପ୍ରକାର ଅବସ୍ଥାରେ ପହଞ୍ଚିବାକୁ କୌଣସି ରାଜ୍ୟ ଚାହେ ନାହିଁ। ତେଣୁ ସମସ୍ତେ ନିଜ ନିଜ ଜନସଂଖ୍ୟା ହାର ବୃଦ୍ଧି କରିବାକୁ ଚାହାନ୍ତି।

ହୁଏତ ଏହି କାରଣରୁ ସମ୍ପ୍ରତି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଘୋଷଣା କରିଛନ୍ତି ଯେ, ଯେଉଁ ଆନ୍ଧ୍ର ପରିବାରରେ ତୃତୀୟ ଓ ଚତୁର୍ଥ ସନ୍ତାନ ଜନ୍ମ ହେବେ ସେମାନଙ୍କୁ ଯଥାକ୍ରମେ ୩୦ ହଜାର ଟଙ୍କା ଓ ୪୦ ହଜାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯିବ।

ଆଗାମୀ ଦିନରେ ଭାରତରେ ପ୍ରଜନନ ହାର ହ୍ରାସ ପାଇବା ବିଭିନ୍ନ କ୍ଷେତ୍ରରେ ଆହ୍ୱାନ ସୃଷ୍ଟି କରିବ। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ପାତ୍ରପଡ଼ା, ଭୁବନେଶ୍ୱର,
ମୋ: ୯୪୩୭୬୪୩୪୧





ଡକ୍ଟର ଉଷାରାଣୀ ଦାଶ

# କମୁଛି ଜନ୍ମହାର



**ଏକଦା ବିଶ୍ୱର ସବୁଠାରୁ ବୃହତ୍ 'ଜନସଂଖ୍ୟା ବିସ୍ଫୋରଣ' ଦେଶର ମାନ୍ୟତା ପାଇଥିବା ଭାରତର ଜନସଂଖ୍ୟା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦ୍ରୁତଗତିରେ ବୃଦ୍ଧି ପାଉଥିଲା। ସେତେବେଳେ ଦାରିଦ୍ର୍ୟ, ଅଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାର ଅଭାବ ସତ୍ତ୍ୱେ ଲୋକମାନେ ଅଧିକ ସନ୍ତାନକୁ ଶକ୍ତି, ସମ୍ପତ୍ତି ଓ ଭବିଷ୍ୟତର ସୁରକ୍ଷା ଭାବରେ ମନେ କରୁଥିଲେ। ଅଧିକ ଶିଶୁମୃତ୍ୟୁ ହାର ଯୋଗୁ ପରିବାରଗୁଡ଼ିକ ଅଧିକ ସନ୍ତାନ ଜନ୍ମ ଦେଉଥିଲେ। ଏହି ପରିସ୍ଥିତିକୁ ଦେଖି ଭାରତ ସରକାର ୧୯୫୨ ମସିହାରେ ବିଶ୍ୱର ପ୍ରଥମ ସରକାରୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ 'ଛୋଟ ପରିବାର - ସୁଖୀ ପରିବାର', 'ଆମେ ଦୁଇ - ଆମର ଦୁଇ' ଭଳି ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। କିନ୍ତୁ ଆଜି ସ୍ଥିତି ପୂର୍ଣ୍ଣରୂପେ ବଦଳିଯାଇଛି। ଭାରତର ଜନ୍ମହାର ଦ୍ରୁତ ହାରରେ କମି ପ୍ରଜନନ ହାର ରିପ୍ଲେସମେଣ୍ଟ ଲେଭଲ୍ ୨.୧ ଠାରୁ ମଧ୍ୟ କମ୍ ହୋଇଯାଇଛି। ଏହାର ପଛରେ କେବଳ ପରିବାର ନିୟୋଜନ ନୁହେଁ, ବରଂ ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ, ବେରୋଜଗାରି, ଜୀବନଶୈଳୀର ପରିବର୍ତ୍ତନ ଓ ଆର୍ଥିକ ଚାପ ଭଳି ଅନେକ କାରଣ ରହିଛି।**



## ଶିକ୍ଷା ଖର୍ଚ୍ଚ ଅଧିକ ବୃଦ୍ଧି

ପୂର୍ବରୁ ସରକାରୀ ସ୍କୁଲରେ କମ୍ ଖର୍ଚ୍ଚରେ ପାଠପଢ଼ା ସମ୍ଭବ ଥିଲା। କିନ୍ତୁ ବର୍ତ୍ତମାନ ସରକାରୀ ଶିକ୍ଷାନୁଷ୍ଠାନର ସ୍ୱଳ୍ପତା ହେତୁ ଅନେକ ଅଭିଭାବକ ବାଧ୍ୟହୋଇ ଅଧିକ ଅର୍ଥ ଦେଇ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିଶୁର ନର୍ସରୀ ଶ୍ରେଣୀରେ ନାମଲେଖାଠାରୁ ଇଞ୍ଜିନିୟରିଂ କିମ୍ବା ଡାକ୍ତରୀ ଶିକ୍ଷା ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ସ୍କୁଲ ଫି ନୁହେଁ; ଯିବା ଆସିବା, ବହିକିଣା, ଟିଉସନ୍, ହଷ୍ଟେଲ ଖର୍ଚ୍ଚ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଇତ୍ୟାଦି ମିଶି ମଧ୍ୟବିତ୍ତ ପରିବାରଙ୍କ ଉପରେ ବଡ଼ ଚାପ ପକାଉଛି। ଏହି କାରଣରୁ ଅନେକ ଦମ୍ପତି ଭାବୁଛନ୍ତି ଯେ, ଅଧିକ ସନ୍ତାନ ଅପେକ୍ଷା ଗୋଟିଏ ସନ୍ତାନର ଭଲ ଭବିଷ୍ୟତ ଗଢ଼ିବା ଉଚିତ। ଏହି ମନୋଭାବ ଜନ୍ମହାର କମିବାର ଗୋଟିଏ ପ୍ରମୁଖ କାରଣ।



## ସ୍ୱାସ୍ଥ୍ୟ ଖର୍ଚ୍ଚ ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି

ଭାରତରେ ସରକାରୀ ଚିକିତ୍ସାଳୟର ସ୍ୱଳ୍ପତା ଓ ସବୁଠାରେ ଉନ୍ନତ ସ୍ୱାସ୍ଥ୍ୟସେବା ନଥିବା ଦୃଷ୍ଟିରୁ ଘରୋଇ ଚିକିତ୍ସାଳୟ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବହୁତ ମହଙ୍ଗା ହେଉଛି। ଗର୍ଭାବସ୍ଥା, ସନ୍ତାନ ପ୍ରସବ, ଶିଶୁର ଯତ୍ନ, ଟୀକାକରଣ, ଖାଦ୍ୟଠାରୁ ଆରମ୍ଭ କରି ଛୋଟ ରୋଗ ପର୍ଯ୍ୟନ୍ତ ସବୁକିଛି ପାଇଁ ବହୁତ ଖର୍ଚ୍ଚ କରି ବେସରକାରୀ ଚିକିତ୍ସାଳୟରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପରିବାର ଋଣରେ ବୁଡ଼ି ଯାଉଛନ୍ତି। ତେଣୁ ଅନେକ ଦମ୍ପତି ଭାବୁଛନ୍ତି ଯେ, ଅଧିକ ସନ୍ତାନ ହେଲେ ସ୍ୱାସ୍ଥ୍ୟ ଖର୍ଚ୍ଚ ବହୁତ ବଢ଼ିଯିବ। ଏହା ମଧ୍ୟ ଯୁବ ଦମ୍ପତିଙ୍କୁ ଛୋଟ ପରିବାର ଦିଗରେ ପ୍ରୋତ୍ସାହିତ କରୁଛି।

## ବେରୋଜଗାରି ଓ ଆର୍ଥିକ ଅନିଶ୍ଚିତତା

ଆଜିର ଯୁବପିଢ଼ି ଉଚ୍ଚ ଶିକ୍ଷା ପାଇଥିଲେ ମଧ୍ୟ ସ୍ୱଳ୍ପ ସଂଖ୍ୟକ ସରକାରୀ ଚାକିରି, ଅଯୁକ୍ତିକର ସଂରକ୍ଷଣ ନୀତି, ଚୁକ୍ତିଭିତ୍ତିକ ଚାକିରି, କମ୍ ଦରମାର ଚାକିରି ଓ ଚାକିରିରେ ଅନିଶ୍ଚିତତା ଆଦି ସମସ୍ୟା ଯୁବମାନଙ୍କ ଭବିଷ୍ୟତକୁ ଅସୁରକ୍ଷିତ କରିଦେଇଛି। ଇଏମ୍ଆଇ, ଘରଭଡ଼ା, ଇନ୍‌ସୁରାନ୍ସ, ଋଣ ଭଳି ଆର୍ଥିକ ଚାପ ମଧ୍ୟରେ ଅଧିକ ଯୁବଦମ୍ପତ୍ତି ସନ୍ତାନ ପାଳନ କରିବାକୁ ଗୋଟିଏ ବୃହତ୍ ସମସ୍ୟା ଭାବରେ ଦେଖୁଛନ୍ତି, ତେଣୁ ସେମାନେ ବିଳମ୍ବରେ ପିତାମାତା ହେବାକୁ ଚାହୁଁଛନ୍ତି କିମ୍ବା ଗୋଟିଏ ସନ୍ତାନରେ ସୀମିତ ରହୁଛନ୍ତି।

## ସହରୀକରଣ ଓ ବାସଗୃହ ସମସ୍ୟା

ସହରୀକରଣର ପ୍ରଭାବରୁ ଗାଁରୁ ଲୋକମାନେ ସହରକୁ ଯାଉଛନ୍ତି। ସହରରେ ଛୋଟ ଫ୍ଲାଟ୍, ଅଧିକ ଘରଭଡ଼ା, ପ୍ରଦୂଷଣ, ଦରଦାମ ବୃଦ୍ଧି, ଗହଳି ଓ ଅଳ୍ପ ଖର୍ଚ୍ଚରେ ସ୍ୱଳ୍ପ ବାସସ୍ଥାନ ଉପଲବ୍ଧତାରେ ଅଧିକ ସନ୍ତାନ ପାଳନ କରିବା କଷ୍ଟକର। ପୂର୍ବରୁ ଯୌଥ ପରିବାର ବ୍ୟବସ୍ଥାରେ ଜେଜେ ଜେଜେମା ଶିଶୁ ଲାଳନପାଳନରେ ସହଯୋଗ କରୁଥିଲେ। ଏବେ ଏକକ ପରିବାର ହାର ବଢ଼ିବାରୁ ପିଲାର ଯତ୍ନ ପାଇଁ କର୍ମଜୀବୀ ଦମ୍ପତିଙ୍କୁ ଡେ-କେୟାର୍ ବା ଧାଇଙ୍କ ଉପରେ ନିର୍ଭର ହେତୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଫଳରେ ଯୁବ ଦମ୍ପତିଙ୍କ ସନ୍ତାନ ଜନ୍ମର ସ୍ୱଳ୍ପତାକୁ ପ୍ରାଥମିକତା ଦେଉଛନ୍ତି।



## ମହିଳା ଶିକ୍ଷା ଓ ସ୍ୱାଧୀନତା

ମହିଳାମାନେ ଆଜି ଅଧିକ ଶିକ୍ଷିତ ଓ ସ୍ୱାଧୀନ ହୋଇଛନ୍ତି। ସେମାନେ ନିଜର ଭବିଷ୍ୟତ, ଚାକିରି, ଆତ୍ମଅଭିମାନ, ମଉଜ ମଜଲିସ୍ ଓ ବ୍ୟକ୍ତିଗତ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି ଏବଂ ବିବାହ ଓ ମାତୃତ୍ୱକୁ ଆବଶ୍ୟକତା ଭାବରେ ଦେଖୁନାହାନ୍ତି। ଏହା ସମାଜର ଉନ୍ନତିର ଚିହ୍ନ ହେଲେ ମଧ୍ୟ ଜନ୍ମହାର ଉପରେ ପ୍ରଭାବ ପକାଉଛି। ମହିଳାମାନେ ଅଧିକ ଶିକ୍ଷିତ ହେବାରୁ କ୍ୟାରିୟରକୁ ଗୁରୁତ୍ୱ ଦେଇ ଡେରିରେ ବିବାହ କରି ସନ୍ତାନ ପ୍ରସବକୁ ସୀମିତ ରଖୁଛନ୍ତି। ତଥ୍ୟ ଅନୁଯାୟୀ ଅଶିକ୍ଷିତ ମହିଳାଙ୍କ ଜନ୍ମ ହାର ୩.୩ ଥିବାବେଳେ ଶିକ୍ଷିତ ମହିଳାଙ୍କର ୧.୮ ରହିଛି।

## ଜୀବନଶୈଳୀରେ ପରିବର୍ତ୍ତନ

ସାମାଜିକ ଗଣମାଧ୍ୟମ, ଆଧୁନିକ ସଂସ୍କୃତିର ପ୍ରାଧାନ୍ୟରୁ ଆଜିର ଯୁବପିଢ଼ି ନିଜ କ୍ୟାରିୟର, ଭ୍ରମଣ, ସୁଖସୁବିଧା, ଉନ୍ନତ ଜୀବନଶୈଳୀ, ମାନସିକ ଶାନ୍ତି, ବ୍ୟକ୍ତିଗତ ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆଜିର ଯୁବ ପିଢ଼ି ଡବଲ୍ ଇନ୍‌କମ ନୋ କିଡ୍ (ଡିଙ୍କ) ଚିନ୍ତାଧାରାକୁ ଆପଣାଇ ସନ୍ତାନ ବିନା ଜୀବନକୁ ଉପଭୋଗ କରିବାକୁ ଉଚିତ ମନେକରୁଛନ୍ତି।

## ପରିବାର ନିୟୋଜନ ଓ ଗର୍ଭନିରୋଧକ ସଚେତନତା

ଭାରତରେ ବର୍ଦ୍ଧିତ ପରିବାର ନିୟୋଜନ ସଚେତନତା ଓ ଗର୍ଭନିରୋଧକ ସାଧନର ସହଜ ଉପଲବ୍ଧତା ଯୁବଦମ୍ପତିଙ୍କୁ ଯୋଜନାବଦ୍ଧ କ୍ଷୁଦ୍ର ପରିବାର ପାଇଁ ପ୍ରୋତ୍ସାହିତ କରିଛି। ଏହା ମହିଳା ସ୍ୱାସ୍ଥ୍ୟ ପାଇଁ ଭଲ ହେଲେ ମଧ୍ୟ ଦେଶର ଜନ୍ମହାରକୁ ହ୍ରାସ କରିଛି।



## ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ହ୍ରାସ

ଅନେକ ଲୋକ ଭାବୁଛନ୍ତି ଯେ, ଭବିଷ୍ୟତରେ ସରକାରୀ ସଂସ୍ଥାଗୁଡ଼ିକର ଉପଲବ୍ଧତା ହ୍ରାସ ପାଇବ। ଭଲ ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରି ଓ ସୁରକ୍ଷା ପାଇବା କଷ୍ଟକର ହେବ। ତେଣୁ ଘରୋଇ ସଂସ୍ଥାଗୁଡ଼ିକ ଦ୍ୱାରା ଅତ୍ୟାଚାରିତ ହେଲେ ମଧ୍ୟ ସେଗୁଡ଼ିକ ଉପରେ ନିର୍ଭରତା ବଢ଼ିବାରୁ ଦୈନନ୍ଦିନ ଜୀବନଯାପନ ଖର୍ଚ୍ଚ ବଢୁଛି। ଏହି ଭୟ ମଧ୍ୟ ଅନେକ ଦମ୍ପତିଙ୍କୁ ଛୋଟ ପରିବାର ଦିଗରେ ପ୍ରୋତ୍ସାହିତ କରୁଛି।



ଭାରତରେ ଜନ୍ମହାର ହ୍ରାସର ପ୍ରମୁଖ କାରଣ ସରକାରୀ ସ୍ତରରେ ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ଅନୁଷ୍ଠାନର ସ୍ୱଳ୍ପତା, ଶିକ୍ଷା ଓ ସ୍ୱାସ୍ଥ୍ୟର ବଢୁଥିବା ଖର୍ଚ୍ଚ, ବେରୋଜଗାରି, ଆର୍ଥିକ ଅନିଶ୍ଚିତତା, ପ୍ରଦୂଷଣ, ସହରୀକରଣ, ଅତ୍ୟଧିକ ସ୍ୱେଚ୍ଛାଚାରିତା ଓ ଆଧୁନିକ ଜୀବନଶୈଳୀର ସମିଶ୍ର ପରିଣାମ। ଏହା ଗୋଟିଏ ପକ୍ଷରେ ସଚେତନ ସମାଜର ଚିହ୍ନ ହେଲେ ମଧ୍ୟ ଅନ୍ୟ ପକ୍ଷରେ ଭବିଷ୍ୟତରେ ବର୍ଦ୍ଧିତ ବୃଦ୍ଧ ଜନସଂଖ୍ୟା, ଯୁବ କାର୍ଯ୍ୟଶକ୍ତି ହ୍ରାସ ଓ ଅର୍ଥନୈତିକ ସମସ୍ୟା ଭଳି ଆହ୍ୱାନକୁ ସମ୍ମୁଖୀନ କରିପାରେ।



ତେଣୁ ସରକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅଧିକାରକୁ ଘରୋଇ ସଂସ୍ଥାଙ୍କ କବଳରୁ ମୁକ୍ତ କରି ସାଧାରଣ ଲୋକଙ୍କ ପାଇଁ ସୁଲଭ ଶିକ୍ଷା, ସୁଲଭ ସ୍ୱାସ୍ଥ୍ୟସେବା, ଚାକିରି ସୃଷ୍ଟି ଓ ପରିବାର ନିୟନ୍ତ୍ରଣ ନୀତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ, ଅନ୍ୟଥା ଭବିଷ୍ୟତରେ, ଭାରତ ଗୋଟିଏ ସ୍ୱଳ୍ପ ସଂଖ୍ୟକ ଅକୁଶଳୀ ଯୁବଗୋଷ୍ଠୀ ଦେଶର ମାନ୍ୟତା ପାଇ ବିଶ୍ୱର ଗୋଲାମି କରିବାକୁ ପୁଣିଥରେ ଆଗଭର ହେବ। ■

ଏମ୍ସ, ଭୁବନେଶ୍ୱର

# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ମନ୍ତ୍ରୀ ଆଶାୟୀଙ୍କ ଶେଷ ଆଶା



ସଫଳତା ସହଜରେ ମିଳେନାହିଁ; ଏଥିପାଇଁ ପ୍ରଚଣ୍ଡ ସଂଘର୍ଷ କରିବାକୁ ପଡ଼େ । ପଦ୍ମ ଦଳର ସୁକୁମାର ନେତା ସୁରେଶ ପୂଜାରୀ ସଂଘର୍ଷ ଓ ସଫଳତାର ଅନ୍ୟତମ ଶ୍ରେଷ୍ଠ ଉଦାହରଣ । ସୁରେଶ ବାବୁ ଛାତ୍ର ଜୀବନରୁ ରାଜନୀତି ସହ ସମ୍ପୃକ୍ତ, ମାତ୍ର ବହୁ ବିଳମ୍ବରେ ତାଙ୍କର ଭାଗ୍ୟ ଉଦୟ ହେଲା । ଅଣଷଠି ବର୍ଷ ବୟସରେ ସେ ସଂସଦକୁ ନିର୍ବାଚିତ ହେଲେ । ଚଉଷଠି ବର୍ଷ ବୟସରେ ବିଧାୟକ ରୂପେ ନିର୍ବାଚିତ ହୋଇ ରାଜ୍ୟ ସରକାରରେ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ବିଭାଗର କ୍ୟାବିନେଟ ମନ୍ତ୍ରୀ । କେଉଁ କାରଣରୁ ସେ ମୁଖ୍ୟମନ୍ତ୍ରୀ ହୋଇପାରିଲେ ନାହିଁ, ତାହା ଏବେ ଅପ୍ରାସଙ୍ଗିକ । ମାତ୍ର ଯେବେଠାରୁ ସେ ଦିଲ୍ଲୀ ଏମ୍ସରୁ ଚିକିତ୍ସିତ ହୋଇ ଫେରିଲେଣି, ସେବେଠାରୁ କୁଆଡ଼େ ସେ ନିଜକୁ ପଦ୍ମ ଦଳର ଜ୍ୱଆନ ନେତା ଓ ପ୍ରଭାବଶାଳୀ ବୋଲି ମନେ କରୁଛନ୍ତି ବୋଲି ତାଙ୍କ ଅନୁଗତମାନେ କହୁଛନ୍ତି । ନିଜ ଦଳର ରାଜ୍ୟ ସଭାପତି ମନମୋହନ, ମୁଖ୍ୟମନ୍ତ୍ରୀ ମୋହନ, ପ୍ରଭାରୀ ତୋମାର ଯେଉଁ ପ୍ରସଙ୍ଗରେ ମୁହଁରେ କୁଣ୍ଡି ଦେଇ ବସିଛନ୍ତି, ସେହି ପ୍ରସଙ୍ଗରେ ଘନଘନ ଭବିଷ୍ୟବାଣୀ କରି ସୁରେଶ ବୁମଧାରୀଙ୍କ ପ୍ରିୟ ପାଲଟିଛନ୍ତି । ଆଉ ଦି' ସପ୍ତାହ ପରେ ରାଜ୍ୟରେ ପଦ୍ମ ସର୍କାରକୁ ଦି' ବର୍ଷ ପୂରିବ; ତଥାପି ନିଗମ କି ବୋଡର୍ ନିଯୁକ୍ତି ମିଳିଲା ନାହିଁ । ତେଣୁ ଥଇଥାନ ଆଶାରେ ଚାତକ ପରି ବସିଥିବା ଦଳର ସାନ ନେତା, ମନ୍ତ୍ରୀ ପଦ ପାଇଁ ଆଗ୍ରହୀ ବିଧାୟକଙ୍କ ପାଇଁ ସୁରେଶ କୁଆଡ଼େ ଏକମାତ୍ର ଆଶା ସଞ୍ଜୀବନୀ । ମଝିରେ ମଝିରେ ବୋର୍ଡ, ନିଗମ, ମନ୍ତ୍ରିମଣ୍ଡଳ ନିଯୁକ୍ତିକୁ ନେଇ ବାବୁ ସୁରେଶ ଛିଞ୍ଚୁଥିବା ଟୋପାଏ ଟୋପାଏ ଅମୃତ ଜଳ ସେମାନଙ୍କ ଆଶାକୁ ବଞ୍ଚାଇଛି ବୋଲି ଅନେକ କହୁଛନ୍ତି । ■

## ବାଟ ପାଉନାହାନ୍ତି ସୂର୍ଯ୍ୟବଂଶୀ



ଏକଦା ପଦ୍ମ ଦଳର ଯୁବ ଆଇକନ ଥିଲେ ବିଷ୍ଣୁ ତନୟ ସୂର୍ଯ୍ୟବଂଶୀ । ମାତ୍ର ଆଜିକାଲି ସେ କୁଆଡ଼େ ଦଳ ପାଇଁ ବୋଝ ପାଲଟି ଗଲେଣି । ଏ କଥା ବିରୋଧୀ ନୁହନ୍ତି, ଖୋଦ ପଦ୍ମ ଦଳ ସହ ଜଡ଼ିତ ଅନେକ ଛାତ୍ରନେତା ବୁଲିବୁଲି ଗପୁଛନ୍ତି । ସୂର୍ଯ୍ୟବଂଶୀଙ୍କ ଅଧୀନସ୍ଥ ଦୁଇଟି ବିଭାଗ କ୍ରୀଡ଼ା ଓ ଯୁବସେବା, ଉଚ୍ଚଶିକ୍ଷା ସିଧାସଳଖ ଯୁବଗୋଷ୍ଠୀ ସହ ଜଡ଼ିତ । ମାତ୍ର ପଦ୍ମ ଦଳ କ୍ଷମତାକୁ ଆସିବା ପରେ ନିର୍ବାଚନକୁ ପ୍ରଭାବିତ କରୁଥିବା ଯୁବ ଗୋଷ୍ଠୀ କୁଆଡ଼େ ସବୁଠାରୁ ବେଶୀ ଅବହେଳିତ । ପୂର୍ବ ନବୀନ ସରକାର କଲେଜ ପିଲାଙ୍କ ପାଇଁ ପ୍ରଚଳନ କରିଥିବା 'ନୂଆ- ଓଡ଼ିଶା' ଛାତ୍ରବୃତ୍ତି ସୂର୍ଯ୍ୟବଂଶୀଙ୍କ ବିଭାଗ ବନ୍ଦ କରିଦେଲା । ଛାତ୍ରସଂସଦ ନିର୍ବାଚନ ହେବ ବୋଲି ଦିଆଯାଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହେଲା ନାହିଁ। ଅନ୍ୟପଟେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ସହକାରୀ ପ୍ରଫେସର ପଦ ବି ପୂରଣ ହେଉନି । ଅଧ୍ୟାପକ ନିଯୁକ୍ତି ଆବେଦନ କରିଥିବା ୬୦ ହଜାର ମେଧାବୀ ଯୁବଗୋଷ୍ଠୀ ଜଣକା ୫୦୦ ଟଙ୍କା ଲେଖାଏଁ ଦେଇ ଦି' ବର୍ଷ ହେଲା ଅପେକ୍ଷା କରିଛନ୍ତି । ଶୁଣିବା କଥା ହେଲା ଉଚ୍ଚଶିକ୍ଷା ବିଭାଗ କୁଆଡ଼େ ଜାଣିଶୁଣି ଏସ୍ଏସ୍ବି ଅଧ୍ୟାପକ ନିଯୁକ୍ତିକୁ ବିଳମ୍ବିତ କରିବାକୁ ଯୋଜନା କରିଛି । ଉଚ୍ଚଶିକ୍ଷା ବିଭାଗର ଅଧିକାରୀମାନେ ପଛ ଦ୍ୱାର ଦେଇ ବିଭାଗରେ ଠିକା ପଦ ପୂରଣ କରି ଚାଲିଛନ୍ତି, ହେଲେ ଅଧ୍ୟାପକ ନିଯୁକ୍ତି ମାମଲା ଅଦାଲତରେ ଦି' ବର୍ଷ ହେଲା ଗଡ଼ୁଛି । ଏଥିପାଇଁ ସୂର୍ଯ୍ୟବଂଶୀଙ୍କ ଉଚ୍ଚଶିକ୍ଷା ବିଭାଗ ଓ ମାମଲା ଲଢ଼ୁଥିବା ଅଧିବକ୍ତାଙ୍କ ଉପରେ ହାଇକୋର୍ଟ କୁଆଡ଼େ ଭାରି କ୍ଷୁବ୍ଧ । ଏ ସୁରାକ ପାଇବା ପରେ ଖସିବାକୁ ବାଟ ପାଉନାହାନ୍ତି ସୂର୍ଯ୍ୟବଂଶୀ । ■

## ଟଙ୍କଙ୍କୁ ଟପିଲେ ଇରାଶିଷ



'ଖୁବ୍ ଶୀଘ୍ର' ଶବ୍ଦର ସଂଜ୍ଞା ଆଜିଯାଏ କେହି ନିର୍ଦ୍ଧାରଣ କରିପାରି ନାହାନ୍ତି; କେଉଁଠି ଶୀଘ୍ରର ଅର୍ଥ ମିନିଟିଏ ତ କେଉଁଠି ଏହି ଅବଧି ଅସରନ୍ତିକାଳ ପର୍ଯ୍ୟନ୍ତ । ରାମମନ୍ଦିର ଆଖଡ଼ାରେ ପ୍ରଚଳିତ ଅଭିଧାନରେ 'ଖୁବ୍ ଶୀଘ୍ର'ର ଅର୍ଥ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବୋଲି କେହି କେହି କହୁଛନ୍ତି । ରାଜ୍ୟରେ ପଦ୍ମ ସରକାର ଗଢ଼ା ହେବା ପରଠାରୁ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଶୁଣାଯାଉଛି । ମୁଖିଆ ମନମୋହନ ତ 'ସଠିକ୍ ସମୟ'କୁ କଣ୍ଟ କରିଛନ୍ତି । ମାତ୍ର ଏହା ମଧ୍ୟରେ ସଠିକ୍ ସମୟ ଓ ଖୁବ୍ ଶୀଘ୍ର ସହ ପୂର୍ବ ଯୁବମୋର୍ଚ୍ଚା ସଭାପତି ତଥା ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସପକ୍ଷରେ ଯାଇପାରେ ବୋଲି ଶୁଣିବାକୁ ମିଳୁଛି । ମନ୍ତ୍ରୀ ପଦ ଦୌଡ଼ରେ ସେ କେବଳ ନିଜ ଜିଲ୍ଲାର ବରିଷ୍ଠ ନେତା ଅଶ୍ୱିନୀ ଷଡ଼ଙ୍ଗୀ ଓ ସହଯୋଗୀ ତଥା ପୂର୍ବ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ନୁହେଁ; ପଶ୍ଚିମ ଓଡ଼ିଶାର ଅନେକ ପୁରୁଖା ନେତାଙ୍କୁ ବି ଅତିକ୍ରମ କରି ଆଗକୁ ବଢ଼ି ଯାଇଥିବା ମନେ ହେଉଛି । ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ ମଧ୍ୟ ଇରାଶିଷ ମନ୍ତ୍ରୀ ପଦ ପାଇଁ ଯୋଗ୍ୟ ବୋଲି ବିଚାର କରୁଛନ୍ତି । ସେହିପରି ମନ୍ତ୍ରୀ ପଦ ପାଇଁ ଦଳ ପ୍ରସ୍ତୁତ କରିଥିବା ସବୁ ମାର୍ଗଦର୍ଶିକା ଇରାଶିଷଙ୍କ ସପକ୍ଷରେ ଯାଉଛି । ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ସୁରେଶଙ୍କୁ ରାଜସ୍ୱ ମନ୍ତ୍ରୀ ପଦ ମିଳିଥିବାରୁ ଟଙ୍କଧରଙ୍କ ପାଇଁ ସବୁ ରାସ୍ତା ବନ୍ଦ । ଅନ୍ୟପକ୍ଷରେ ଗତ ନିର୍ବାଚନରେ ଷ୍ଟ୍ରାଇକ୍ ରେଟ ଦୃଷ୍ଟିରୁ ବରଗଡ଼କୁ ମନ୍ତ୍ରୀପଦ ମିଳିବା ନିଶ୍ଚିତ ଓ ଏହି କ୍ରମରେ ଦଳୀୟ ନେତାଙ୍କ ସହ ସମ୍ପର୍କ, ସ୍ଥାନୀୟ ସଙ୍ଗଠନ ଉପରେ ପତିଆରା କାଳେ ଇରାଶିଷଙ୍କ ବାଟ ପରିଷ୍କାର କରିଦେଇଛି । ■

## ଜାତି ଗଲା, ପେଟ ପୂରିଲାନି




ମାଲିକ ଖରେ ପେଟପୂରା କୁଣ୍ଡାଚୋକଡ଼ ମିଳୁଥିଲେ ବି ଅନ୍ୟ ଆଡ଼େ ମୁହଁ ମାରିବା କିଛି ଗୋରୁଙ୍କ ପ୍ରବୃତ୍ତି । ଏହି ପ୍ରଜାତିର ଗୋରୁ ବାଡ଼ ଭାଙ୍ଗି ଯା' ତା କ୍ଷେତରେ ପଶନ୍ତି । ଗାଈଆଳର ଆଦର, ଆକଟ ସେମାନଙ୍କ ଉପରେ କିଛି ଫରକ ପକାଏ ନାହିଁ; ପାଞ୍ଚଣ ପାହାର ବି କିଛି କାମ କରେ ନାହିଁ । ଏପରି ଗୋରୁମାନେ ନିଜ ଅଭ୍ୟାସ ଛାଡ଼ି ପାରନ୍ତି ନାହିଁ । ଚାରି ଦଶନ୍ଧି ତଳେ ଏପରି ଅମଣିଆ ଗୋରୁଙ୍କ ପାଇଁ ତତ୍କାଳୀନ ରାଜନୀତି ପଶାପାଲିର ଧୂରନ୍ଧର ଖେଳାଳି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ଲାଞ୍ଜ କଟା' ସୂତ୍ର ସେତେବେଳେ ବେଶ ଆଲୋଡ଼ନ ସୃଷ୍ଟି କରିଥିଲା । ଅନ୍ୟ ବିଲରେ ମୁହଁ ମାରୁଥିବା ବଦମାସ ଗୋରୁଙ୍କୁ ଚିହ୍ନଟ ଲାଗି ଗାଈଆଳ ସେମାନଙ୍କ ଲାଞ୍ଜ କାଟିଦେବା ପରି ଅଶୀ ଦଶକରେ ଅନେକ ଉପ୍ତିଆ, ଅମାନିଆ ଓ ଅମଣିଆ ଟୋକା ନେତାଙ୍କ କଟା ଯାଇଥିଲା ଲାଞ୍ଜ । ଦଳ ପ୍ରତି ଅବିଶ୍ୱସ୍ତତା, ଦଳର ନେତାଙ୍କ ପ୍ରତି ବିଶ୍ୱାସଘାତକତା ଲାଞ୍ଜକଟା ନେତାମାନଙ୍କୁ ପ୍ରତି ମୁହୂର୍ତ୍ତରେ ଲୋକଙ୍କ ନିକଟରେ ଲଜ୍ଜିତ କରିଥିଲା । ଏମିତିକି ସେ ସମୟର ଅନେକ ଲାଞ୍ଜକଟା ଟୋକା ନେତା ରାଜନୀତିର ଏକ ପ୍ରକାର ଅନ୍ତର୍ହିତ ହୋଇ ଯାଇଥିଲେ । ଏବେ ପ୍ରାୟ ଚାରି ଦଶନ୍ଧି ପରେ ଗଲା ରାଜ୍ୟସଭା ନିର୍ବାଚନରେ ପଦ୍ମ ଦଳ ଜନ୍ତାରେ ପଡ଼ି ନିଜ ଲାଞ୍ଜ ହରାଇଥିବା ଡ଼ଜନେ ନେତାଙ୍କ ଭବିଷ୍ୟତ କ'ଣ ହେବ ତାହା ଆମକୁ ଜଣାନାହିଁ; ମାତ୍ର ବାଙ୍କୀ ଅଞ୍ଚଳର ସାନ ତ୍ରିପାଠୀଙ୍କ ଅନେକ ସମର୍ଥକ ନିଜ ଭବିଷ୍ୟତକୁ ନେଇ ଏବେ କୁଆଡ଼େ ଭାରି ଚିନ୍ତାରେ । ଏପଟେ ଶଙ୍ଖ ଦଳରେ ସ୍ଥାନ ନାହିଁ, ପଦ୍ମ ଦଳରେ ଭବିଷ୍ୟତ ନାହିଁ; ଜାତି ଗଲା ସିନା, ପେଟ ପୂରିଲାନି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# ଶିଶୁ ଜନ୍ମହାର ହ୍ରାସ ଉଦ୍‌ବେଗଜନକ

'ଭାରତର ଆତ୍ମା ଗାଁରେ ବାସ କରେ' (The soul of India lives in its villages ) । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏହି ଅମର ବାଣୀ ଏହା ପ୍ରତିପାଦିତ କରେ ଯେ, ଗ୍ରାମାଞ୍ଚଳ ହିଁ ସଂସ୍କୃତି, ପରମ୍ପରା ଏବଂ ଭାରତୀୟ ଅର୍ଥନୀତିର ମୂଳଦୁଆ । ରାଜ୍ୟ ତଥା ଦେଶର ଅର୍ଥନୀତିର ପ୍ରାୟ ସତୁରି ଶତକଡ଼ାରୁ ଅଧିକ କୃଷି, କୁଟୀର ଶିଳ୍ପ, ହସ୍ତତନ୍ତ ଉପରେ ନିର୍ଭର କରୁଥିବା ବେଳେ ଏସବୁର ମୁଖ୍ୟ ଆଧାର ହେଉଛି ଗ୍ରାମାଞ୍ଚଳ । କିନ୍ତୁ ଆଜି ଗାଁଗୁଡ଼ିକରେ ସାମ୍ପ୍ରତିକ ହାର ଅନୁଯାୟୀ ଜନସଂଖ୍ୟାରେ ବୃଦ୍ଧି ନଘଟି ହ୍ରାସ ପାଇବା ଏକ ଉଦ୍‌ବେଗଜନକ ପ୍ରସଙ୍ଗ ବୋଲି ଧରିବାକୁ ହେବ । ଏକ ଆକଳନ ଅନୁଯାୟୀ, ଗତ ୨୦୧୧ ମସିହା ପରଠାରୁ ଓଡ଼ିଶାରେ ପିଲାଙ୍କ ସଂଖ୍ୟା ଯେଉଁ ଅନୁପାତରେ ବଢ଼ିବା କଥା ତା'ର ପ୍ରାୟ ୧୭ ପ୍ରତିଶତ କମି ଯାଇଛି । ଅପରପକ୍ଷେ ବୟସ୍କଙ୍କ ସଂଖ୍ୟା ପ୍ରାୟ ୧୧ ପ୍ରତିଶତରୁ ୧୬ ପ୍ରତିଶତ ଯାଏଁ ବଢ଼ି ବଢ଼ି ଚାଲିଛି ।





ବୈଷ୍ଣବ ମେହେର

## ସ୍ୱର୍ଣ୍ଣକାତର ସମୟ

ଆମ ଜାଣିବାରେ ପିଲା ସଂଖ୍ୟା କମ୍ ଥିବା ଦର୍ଶାଇ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ୭୫୦୦ରୁ ଅଧିକ ସରକାରୀ ବିଦ୍ୟାଳୟ ବନ୍ଦ କରାଗଲାଣି । ସମାନ କାରଣରୁ କେତେ ଯେ, ବେସରକାରୀ ବିଦ୍ୟାଳୟ ବନ୍ଦ ହୋଇଛି ତା'ର ହିସାବ କାହା ପାଖରେ ନାହିଁ । ଏଥିରୁ ସ୍ପଷ୍ଟ ସୂଚନା ମିଳେ ଯେ, ଆମେ କ୍ରମଶଃ କମ୍ ଜନସଂଖ୍ୟା ଆଡ଼କୁ ଗତି କରୁଛୁ । ଯାହା ଆଗାମୀ ଦିନରେ ଏକ ସାଙ୍ଘାତିକ ରୂପ ନେଇପାରେ । ୨୦୧୧ ଜନଗଣନା ଅନୁଯାୟୀ ଭାରତର ମୋଟ ଜନସଂଖ୍ୟାର ୬୮. ୦୮% ଗ୍ରାମାଞ୍ଚଳରେ ବାସ କରୁଥିଲେ । ଓଡ଼ିଶା କ୍ଷେତ୍ରରେ ତ ଆହୁରି ଅଧିକ ଅର୍ଥାତ୍ ରାଜ୍ୟର ଜନସଂଖ୍ୟାର ପାଖାପାଖି ୮୩. ୦୩% ଲୋକ ଓଡ଼ିଶାର ବିଭିନ୍ନ ଗ୍ରାମରେ ରହୁଥିଲେ । କିନ୍ତୁ ୨୦୧୧ ମସିହା ବେଳକୁ ଆମ ଗ୍ରାମଗୁଡ଼ିକ ଯେତିକି ଜନଗହଳିପୂର୍ଣ୍ଣ ଥିଲା ଆଜି ୧୫ ବର୍ଷ ପରେ ସେତିକି ଜନଶୂନ୍ୟ ହେବାରେ ଅନେକ କାରଣ ରହିଛି । ଗୋଟିଏ ସମୟ ଥିଲା ଭାରତର ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ 'ଆମେ ଦୁଇ ଆମର ଦୁଇ' ନାରା ଖୁବ୍ ପ୍ରଭାବିତ ମନେ ହୋଇଥିଲା । ଏହା ଧୀରେଧୀରେ ସହରରୁ ଗ୍ରାମାଞ୍ଚଳ ମୁହାଁ ହୋଇଥିଲା । ଏହି ନାରା ଅନେକ ପରିବାରକୁ କେବଳ ସଂକୁଚିତ ନୁହେଁ ଅଧିକନ୍ତୁ ସ୍ୱାର୍ଥକୈନ୍ଦ୍ରିକ ମଧ୍ୟ କରିଦେଲା । ପିତାମାତା ଏବଂ ତାଙ୍କର ଦୁଇଟି ସନ୍ତାନ ହିଁ ଗୋଟିଏ ସଫଳ ପରିବାର ବୋଲି ଲୋକଙ୍କ ଧାରଣା ମଜଭୁତ ହେବାକୁ ଲାଗିଲା । ଫଳରେ ଯୌଥ ପରିବାରର ସମ୍ଭାର ଭିତରେ ଉଚ୍ଛୁଳି ପଡୁଥିବା ଗାଁ ସଭ୍ୟତା ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ନିଜକୁ ସୀମିତ ରହିବାକୁ ପସନ୍ଦ କଲେ । ଏହି ଧାରା ଆଗକୁ ଆହୁରି ସଂକୀର୍ଣ୍ଣ ହୋଇ 'ଆମେ ଦୁଇ ଆମର ଦୁଇ'ରୁ 'ଆମେ ଦୁଇ ଓ ଆମର ଏକ'ରେ କେତେ ବେଳେ ଯେ ପରିଣତ ହୋଇଗଲା ଜାଣି ହେଲା ନାହିଁ । ମାତ୍ର ୩୦ ରୁ ୪୦ ବର୍ଷ ପୂର୍ବେ ପ୍ରତି ପରିବାରରେ ଅତିକମ୍‌ରେ ୪/୫ ଜଣ ଭାଇଭଉଣୀ ରହୁଥିବା ବେଳେ ଏବେ ପ୍ରାୟ ଜଣେ ପୁଅ କିମ୍ବା ଝିଅରେ ସୀମିତ ରଖାଯାଉଛି । ଦ୍ୱିତୀୟରେ ଝିଅମାନେ ପ୍ରତି କ୍ଷେତ୍ରରେ ଆଗକୁ ବଢ଼ିଥିଲେ ହେଁ ଏବେ ବି ଆମ ସମାଜରୁ ପୁଅର ଚାହିଦା କମି ନାହିଁ । ସାମାଜିକ, ଆଧ୍ୟାତ୍ମିକ, ଅର୍ଥନୈତିକ ଆଦି କ୍ଷେତ୍ରରେ ପୁଅଙ୍କ ଆବଶ୍ୟକତାକୁ ସଦା ପ୍ରାଧାନ୍ୟ ଦିଆଯାଉଛି । ତେଣୁ ପ୍ରଥମେ ଯଦି ଝିଅଟିଏ ଜନ୍ମ ହୁଏ ତେବେ ଦ୍ୱିତୀୟଥର ପାଇଁ ପୁଅର ଅପେକ୍ଷା କରାଯାଉଛି, କିନ୍ତୁ ପ୍ରଥମରେ ପୁଅ ହେଲେ ଆଉ ଦ୍ୱିତୀୟ ଗର୍ଭର ଆବଶ୍ୟକତା ଅନେକ ଅନୁଭବ କରୁନାହାନ୍ତି । ଏଥିନିମନ୍ତେ ଲୁଚାଛପା କେତେ ଯେ ଭ୍ରୂଣ ହତ୍ୟା ହେଉଛି ତାହା କାହାକୁ ଅଛପା ନୁହେଁ । ଏହା ଗ୍ରାମାଞ୍ଚଳରେ ଜନସଂଖ୍ୟା ହ୍ରାସର ଅନ୍ୟତମ କାରଣ ବୋଲି କୁହାଯାଇପାରେ ।




## ଓଡ଼ିଶାରେ ଝିଅ ସଂଖ୍ୟା କମ୍

୨୦୧୧ ଜନଗଣନାର ତଥ୍ୟ ଅନୁଯାୟୀ ଓଡ଼ିଶାର ଗ୍ରାମାଞ୍ଚଳରେ ପ୍ରତି ୧୦୦୦ ପୁରୁଷରେ ମାତ୍ର ୯୮୯ ମହିଳା ରହିଥିବା ବେଳେ ସଂପ୍ରତି ଲିଙ୍ଗାନୁପାତର ତାରତମ୍ୟ ଆହୁରି ସାଙ୍ଘାତିକ ହୋଇ ସାରିଥିବ, ଏଥିରେ ସନ୍ଦେହ ନାହିଁ । ଆହୁରି ମଧ୍ୟ ଛୋଟ ପରିବାର ଗଠନରେ ସରକାରୀ ସୁବିଧା ସୁଯୋଗ ଯେ, ବହୁଳ ମାତ୍ରାରେ ଦାୟୀ, ଏହାକୁ ଅଣଦେଖା କରାଯାଇନପାରେ। ଯେମିତି ଗୋଟିଏ କିମ୍ବା ଦୁଇଟି ସନ୍ତାନ ଥିବା ପରିବାରକୁ ସବୁଜ ପତ୍ର ପ୍ରଦାନ ମାଧ୍ୟମରେ ଏକାଧିକ କ୍ଷେତ୍ରରେ ସୁବିଧା ପ୍ରଦାନ କରାଯିବା ଜନସଂଖ୍ୟା ହ୍ରାସକୁ ଅଧିକ ଖୋରାକ ଯୋଗାଇଛି । ଅପରପକ୍ଷେ ଆଧୁନିକତାର ପ୍ରଭାବରେ ଗ୍ରାମାଞ୍ଚଳର ଲୋକମାନେ ଅନ୍ଧବିଶ୍ୱାସଠାରୁ ଦୂରେଇ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରସଙ୍ଗରେ ବେଶ୍ ସଚେତନ ହୋଇଛନ୍ତି । ଉଚ୍ଚ ଓ ଗୁଣାତ୍ମକ ଶିକ୍ଷା ତଥା ଉନ୍ନତ ଚିକିତ୍ସା ପାଇଁ ଏବେ ସେମାନେ ସହରମୁହାଁ ହେବା ସ୍ୱାଭାବିକ କଥା । ସୋସିଆଲ୍ ମିଡିଆର ପ୍ରଭାବ ମଧ୍ୟ ଲୋକଙ୍କୁ ସହରର ଚାକଚକ୍ୟ ପ୍ରତି ଅଧିକ ଆକୃଷ୍ଟ କରୁଛି । ବିଶେଷକରି ଗାଁରେ ରାସ୍ତାଘାଟ ଭଳି ସାମାନ୍ୟ ଯୋଗାଯୋଗ ନରହିବା, ଉନ୍ନତ ପରିବହନ ବ୍ୟବସ୍ଥା, ବଜାର ବ୍ୟବସ୍ଥା, ପ୍ରାୟ ସମୟ ବିଦ୍ୟୁତ ବିଭ୍ରାଟ ଘଟିବା ଆଦି ଗ୍ରାମାଞ୍ଚଳ ପ୍ରତି ଆଧୁନିକ ମଣିଷଙ୍କ ଭିତରେ ବିତୃଷ୍ଣ ଭାବ ଆଣି ଦେଉଛି । ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନା ନିଜ ଲୋକପ୍ରିୟତା ହରାଇବସିଛି ଓ ଲୋକେ ପେଟପାଟଣା ପାଇଁ ଗାଁ ଛାଡ଼ି ଅନ୍ୟତ୍ର ଯିବାକୁ ବାଧ୍ୟ ହେଉଛନ୍ତି ।

ଗାଁରେ କୃଷି ବ୍ୟତୀତ ଅନ୍ୟ କୌଣସି ବଡ଼ ଶିଳ୍ପ ବା ବ୍ୟବସାୟିକ ପ୍ରତିଷ୍ଠାନ ନଥିବାରୁ ଲୋକେ ରୋଜଗାର ପାଇଁ ସହରକୁ ଯାଉଛନ୍ତି । ପୁନଶ୍ଚ ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷା ଏବଂ ବିଶେଷ ଚିକିତ୍ସା ସୁବିଧା ନଥିବାରୁ ଅନେକ ପରିବାର ସହରରେ ବସବାସ କରିବା ଉଚିତ ମନେ କରୁଛନ୍ତି । ଆଗଭଳି ଯୌଥ ପରିବାରରେ ସମସ୍ତେ ମିଳିମିଶି ରହି ବୃଦ୍ଧ ପିତାମାତା ଅବା ଅନ୍ୟ ବୟସ୍କଙ୍କ ଗହଣରେ ରହି ପରସ୍ପର ସୁଖଦୁଃଖରେ ଭାଗିଦାରୀ ହେବାର ମାନସିକତା ଆମ ଲୋକଙ୍କ ଭିତରେ ନଥିବାରୁ କୌଣସି ଆଳ ଦେଖାଇ ଆଜିକାର ପୁଅବୋହୂମାନେ ସହରମୁହାଁ ହେଉଛନ୍ତି । ଫଳରେ ଗାଁ ସବୁ ଏବେ ଜନଶୂନ୍ୟ ହୋଇ ଖାଁଖାଁ ଲାଗୁଛି ।

## ପ୍ରଭାବିତ ହେବ ବ୍ୟବସ୍ଥା

ଜନସଂଖ୍ୟା ଗୋଟିଏ ଏପରି ପ୍ରସଙ୍ଗ ଯାହା ଉପରେ ରାଜ୍ୟର ରାଜନୀତି, ଅର୍ଥନୀତି, ଭୌଗୋଳିକ, ସାମାଜିକ ବ୍ୟବସ୍ଥା ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ସେ ସହର, ନଗର ହେଉ କି ଗ୍ରାମାଞ୍ଚଳ ସବୁଠି କେମିତି ଏକ ବ୍ୟବସ୍ଥିତ ଜନସମୂହ ରହିବେ ସେନେଇ ସରକାରୀ କ୍ଷେତ୍ରରେ ଆବଶ୍ୟକ ଉଦ୍ୟମ ହେବା ନିତାନ୍ତ ଜରୁରି । ଯଦି କେଉଁଠି ଜନସଂଖ୍ୟା ବୃଦ୍ଧି ଅବା ହ୍ରାସ ଜନିତ ସମସ୍ୟା ଦେଖା ଦିଏ, ତେବେ ସେଠାରେ ନିଶ୍ଚିତ ପ୍ରତିକାର କରିବାର ଦାୟିତ୍ୱ ମଧ୍ୟ ସେହି ରାଜ୍ୟଗୁଡ଼ିକର । ଯଦି ଆମେ ଆମ ରାଜ୍ୟ ଓଡ଼ିଶା ପରିପ୍ରେକ୍ଷୀରେ କଥା ରଖିବା ତେବେ ଆଗାମୀ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଗ୍ରାମାଞ୍ଚଳରେ ଜନସଂଖ୍ୟା ହ୍ରାସ ପ୍ରସଙ୍ଗକୁ ଆମକୁ ଅଧିକ ଗୁରୁତ୍ୱର ସହ ଧ୍ୟାନ ଦେବାକୁ ହେବ । ଏଯାଏଁ ଜନସଂଖ୍ୟାକୁ ସଂକୁଚିତ କରିବାକୁ ଯେଉଁ ସବୁ ନୀତି, ନିୟମ କି ଆଇନ ରହିଛି ସେସବୁର ସମୀକ୍ଷା କରି ସେଥିରେ କୋହଳ କିମ୍ବା ସମୁଚିତ ସଂଶୋଧନ କରାଯିବା ଦରକାର । ଏଥିସହ ଏବେଠାରୁ ଏମିତି ଯୋଜନା ପ୍ରସ୍ତୁତ କରିବାକୁ ହେବ, ଯାହାଦ୍ୱାରା ଗ୍ରାମାଞ୍ଚଳରେ ହ୍ରାସ ପାଉଥିବା ଲୋକସଂଖ୍ୟା ଯେମିତି ଆଗକୁ ଗମ୍ଭୀର ସ୍ଥିତି ସୃଷ୍ଟି ନକରେ । ■



ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# କେମିତି କଟିବ ସପ୍ତାହ

**ମେଷ** — ରବି, ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ । ବେପାରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ମଙ୍ଗଳ, ବୁଧବାରରେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଗୁରୁ, ଶୁକ୍ର, ଶନିବାରରେ ସାମାଜରେ ଧନସମ୍ମାନପ୍ରାପ୍ତି । ଗୁରୁଜନଙ୍କ ଆଶୀର୍ବାଦ ପାଇବେ ।

**ବୃଷ** — ରବି, ସୋମବାରରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପ୍ରଭାବଶାଳୀ ରହିବେ । ଗୁରୁ, ଶୁକ୍ର, ଶନିବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରିପାରନ୍ତି । ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ ।

**ମିଥୁନ** — ରବି, ସୋମବାରରେ କାର୍ଯ୍ୟ ମନ୍ଥରତା ଦେଖାଦେବ । ଆର୍ଥିକ ଉନ୍ନତି ହେବ । ମଙ୍ଗଳ, ବୁଧବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ବ୍ୟବସାୟିକ ଆୟବ୍ୟୟ ସମାନ ରହିବ ।

**କର୍କଟ** — ରବି, ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ । ଭାଇଭଉଣୀଙ୍କର ସହଯୋଗ ମିଳିବ । ମଙ୍ଗଳ, ବୁଧବାରରେ ମନସ୍ତାପରେ ରହିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ ।

**ସିଂହ** — ରବି, ସୋମବାରରେ ସମୟର ସଦୁପଯୋଗ କରିବେ । କଠିନ ପରିଶ୍ରମ କରି ସଫଳ ହେବେ । ମଙ୍ଗଳ, ବୁଧବାରରେ ଆର୍ଥିକ କ୍ଷେତ୍ରରେ ପାରିବାରିକ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ଜୀବନସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ଧନଲାଭ ଯୋଗ ରହିଛି ।

**କନ୍ୟା** — ରବି, ସୋମବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ । ଅଧିକ ପରିଶ୍ରମୀ ହେବେ । ମଙ୍ଗଳ, ବୁଧବାରରେ ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଅକସ୍ମାତ୍ ଧନଲାଭ ଯୋଗ ରହିଛି ।

**ତୁଳା** — ରବି, ସୋମବାରରେ କର୍ମକ୍ଷେତ୍ରରେ ସହଯୋଗ ପାଇବେ । ସନ୍ତାନସନ୍ତତି ଉନ୍ନତି କରିବେ । ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ମନରେ ପ୍ରସନ୍ନତା ଓ ଚଞ୍ଚଳତା ଭରି ରହିବ ।

**ବିଛା** — ରବି, ସୋମବାରରେ ସରକାରୀ କାର୍ଯ୍ୟରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ । ମଙ୍ଗଳ, ବୁଧବାରରେ ଅର୍ଥହାନି ଓ ଶତ୍ରୁବୃଦ୍ଧି ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଗୁରୁଜନଙ୍କ ଆଶୀର୍ବାଦ ଭାଗ୍ୟ ଉଦୟରେ ସହଯୋଗ ହେବ । ବ୍ୟବସାୟରେ ଲାଭବାନ ହେବେ ।

**ଧନୁ** — ରବି, ସୋମବାରରେ ଅଭାବ ଓ ଅସୁବିଧା ଦେଖାଦେବ । ଋଣ ଦେଇଥିବା ଅର୍ଥ ଫେରି ପାଇବେ । ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ପ୍ରସାର ହେବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି ।

**ମକର** — ରବି, ସୋମବାରରେ ଗୁରୁଜନଙ୍କ ସହଯୋଗ ମିଳିବ । କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧବାରରେ ଦ୍ରବ୍ୟାଦି ଲାଭ ହେବ । ଗୁରୁ ,ଶୁକ୍ର, ଶନିବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ । ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**କୁମ୍ଭ** — ରବି, ସୋମବାରରେ ଦୂରଯାତ୍ରା କରିପାରନ୍ତି । ଦ୍ରବ୍ୟାଦି କ୍ରୟ କରିପାରନ୍ତି । ମଙ୍ଗଳ, ବୁଧବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ । ଗୁରୁ, ଶୁକ୍ର, ଶନିବାରରେ ଦୃଢ଼ମନା ହେବେ । ନୂତନ ନିଯୁକ୍ତି ହୋଇପାରେ ।

**ମୀନ** — ରବି, ସୋମବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ । ଭବିଷ୍ୟତ ଯୋଜନାରେ ସଫଳ ହେବେ । ମଙ୍ଗଳ, ବୁଧବାରରେ ପ୍ରିୟଜନଙ୍କ ପାଇଁ ସମ୍ବେଦନଶୀଳ ରହିବେ । ଗୁରୁ, ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ଆୟ ଭଲ ହେବ । ■